भारत सरकार
GOVERNMENT OF INDIA
राष्ट्रीय पुस्तकालय, कलकत्ता ।
NATIONAL LIBRARY, CALCUTTA.

वर्ग संख्या
Class No. 091
891.452

पुस्तक संख्या
Book No. Ra 291 m

रा० पु०/ N. L. 38.

MGIPC—S19—C9/1842/14 LNL (PB)—25-5-70—150,000.

ସୁଶୀଲଗୁଣନିଧାନ, ଉତ୍କଳଗୌରବରବି, ଯଷ୍ଟପଢ଼-
ବିଦ୍ୟାବିନୋଦ-କବିରତ୍ନୋପାଧିକ, ଅଷ୍ଟଦୁର୍ଗାଧୀଶ୍ୱର
ରାଜାବାହାଦୁର୍ ଶ୍ରୀମାନ୍ ଶ୍ରୀ ଶ୍ରୀ ଶ୍ରୀ ବୈକୁଣ୍ଠନାଥ ଦେବ ବର୍ମ୍ମ-
ମହୋଦୟ ଶ୍ରୀକରକମଳେଷୁ ।

ସବିନୟ ନିବେଦନମିଦଂ

ମହାରାଜ !

ଶ୍ରୀମାନ୍ ଲକ୍ଷ୍ମୀ ସରସ୍ୱତୀଙ୍କର ପ୍ରସାଦଭାଜନ ହୋଇ ଶ୍ରୀକ୍ଷେତ୍ର, ବୃନ୍ଦାବନ, ବାରାଣସୀ ପ୍ରଭୃତି ତୀର୍ଥସ୍ଥାନମାନଙ୍କରେ ସୁମହତ୍ କୀର୍ତ୍ତିମାନ ସ୍ଥାପନ କରିଅଛନ୍ତି ଏବଂ ସାହିତ୍ୟଭଣ୍ଡାରକୁ ମଧ୍ୟ 'ରୁକ୍ମିଣୀ ପରିଣୟା'ଦି ସୁଲଳିତ କାବ୍ୟରତ୍ନମାନଙ୍କଦ୍ୱାରା ଅଲଙ୍କୃତ କରି ଅକ୍ଷୟ କୀର୍ତ୍ତି ଲାଭ କରିଅଛନ୍ତି । ମୁଁ ଆପଣଙ୍କର ଏହି ସମସ୍ତ ସଦ୍ଗୁଣ ଓ ସଦନୁଷ୍ଠାନର ପରିଚୟ ପାଇ ଏହି କ୍ଷୁଦ୍ର ନାଟକ ଖଣ୍ଡି ଶ୍ରୀମାନଙ୍କ ଶ୍ରୀକରକମଳରେ ଅର୍ପଣ କଲି । ଏହା ସାଦରେ ଗୃହୀତ ହେଲେ ନିଜକୁ କୃତାର୍ଥ ଜ୍ଞାନ କରିବି ।

୨୦ । ୫ । ୦୯
କଟକ ।

ଶ୍ରୀମାନଙ୍କର ଏକାନ୍ତ ଅନୁଗ୍ରହାକାଙ୍କ୍ଷୀ
ଶ୍ରୀ ହରିହର ରଥ ଶର୍ମା
ହେଡ୍ ପଣ୍ଡିତ, ଟ୍ରେନିଂ ସ୍କୁଲ—କଟକ ।

ନାନ୍ଦୀ ।

ରାଗ—କାମ୍ଭୋଜୀ—ଆଡ଼ତାଳ ।

ଧାର—ମା ସରସ୍ୱତି, ଭଗବତି, ଦେବୀ ଭାରତି !

ତୁଷାରବରଣି, ମଧୁରଭାଷିଣି, ଅସାରନାଶିନି, ସଂସାରଜନନି,
ମାତଃ ବୀଣାପାଣି, ତ୍ରିଭୁବନମୋହିନି, ଦିଅ ମା ସୁମତି,
ଘେନ ମୋ ପ୍ରଣତି । ୧ ।

ସାରସବାହିନି, ସରୋଜବାସିନି, ହରଷଦାୟିନି, ସ୍ୱରସଞ୍ଚାରିଣି,
ଶାସ୍ତ୍ରବିଧାୟିନି, ଜ୍ଞାନପ୍ରଦାୟିନି, ତାଡ଼ ମା କୁମତି,
ଦିଅ ମା ଭକତି । ୨ ।

ଦାସ ହୃଦହର, ଶ୍ୱେତ ବସ୍ତ୍ର ଶୋଭ, ଅଙ୍ଗରେ ସୁନ୍ଦର
ଗଳାରେ ସୁହାର,
ଧବଳକୁସୁମେ, ଶୁଭ୍ର ସ୍ୱଯତନେ, ପୂଜଇ ଭକତ-
ସହକାରେ ଅତି । ୩ ।

ସରସ୍ୱତୀ ଦର୍ଶନ ।

ଧାର—ପୁଷ୍ପାଞ୍ଜଳିରସୌ ଦେବ ! ଦୀୟତେ ପାଦୟୋସ୍ତବ ।
ନିର୍ବିଘ୍ନମଭିନେଷ୍ୟାମି ନାଟକଂ ତ୍ୱତ୍ପ୍ରସାଦତଃ ।
(ପୁଷ୍ପାଞ୍ଜଳି ଦାନ—ପରଦାପତନ)

ମହାପ୍ରସ୍ଥାନ ନାଟକ ।

ନାନ୍ଦ୍ୟନ୍ତେ ସୂତ୍ରଧାର—ଅମ୍ଭେ ଅତ୍ରାସୀନ ସମସ୍ତ ସହୃଦୟ ଦର୍ଶକ-ମାନଙ୍କୁ ଜଣାଉଅଛୁଁ ଯେ ଅଦ୍ୟ ଅମ୍ଭେ ଏଠାରେ ମହାପ୍ରସ୍ଥାନ ନାଟକ ଅଭିନୟ କରାଇବୁଁ, ଆପଣମାନେ ମନୋନିବେଶ କରିବା ହୁଅନ୍ତୁ । ଏ ନାଟକ କରୁଣରସାତ୍ମକ ଓ ଉପଦେଶ-ପ୍ରଦ, ଏ ହେତୁ ଦର୍ଶନୀୟ ଅଟେ । ଏ ନାଟକାଭିନୟ ଦେଖି ଆପଣମାନେ ଆନନ୍ଦ ଅନୁଭବ କରି ପାରିବେ । (ଚାହିଁ) କିଏ ଅଛ ହେ ?

ପାରିପାର୍ଶ୍ୱିକ—(ପ୍ରବେଶ ହୋଇ) ଆଜ୍ଞା ଦିଅନ୍ତୁ ଆର୍ଯ୍ୟ !

ସୂତ୍ର—ପାରିପାର୍ଶ୍ୱିକ ! ବୁଝିଲ, ପାତ୍ରମାନଙ୍କର ବେଶାଦି ଶେଷ ହେଲାଣି କି ନାହିଁ ?

ପାରି—ଆଜ୍ଞା, ଆପଣଙ୍କ ଗୃହିଣୀ ଅନେକବେଳୁଁ ପାତ୍ରମାନଙ୍କର ବେଶାଦି ଶେଷ କରି ଦେବସଭାର ଦୃଶ୍ୟ ଦେଖାଇବେ ବୋଲି ଅପେକ୍ଷା କରି ରହିଅଛନ୍ତି । ଆପଣ ଏ ରଙ୍ଗଭୂମିରୁ ବାହାର ଆସିଲେ ସେ ଅଭିନୟ ଆରମ୍ଭ କରିବେ ।

ସୂତ୍ର—ହଉ, ଅମ୍ଭେ ଏଠାରୁ ବାହାର ଯାଉଅଛୁଁ, ତୁମ୍ଭେ ଯାଅ, ଶୀଘ୍ର ଅଭିନୟ ଆରମ୍ଭ କରିବାକୁ ତାଙ୍କୁ କହି ଦିଅ । ଦେଖ, ଅନେକକ୍ଷଣ ହେଲା ଦର୍ଶକମାନେ ନାଟକାଭିନୟ ଦେଖିବେ ବୋଲି ଅପେକ୍ଷା କରି ବସିଅଛନ୍ତି ।

ପାରି—ଯେ ଆଜ୍ଞା । (ଉଭୟଙ୍କର ପ୍ରସ୍ଥାନ)

(ପ୍ରସ୍ତାବନା)

ଦେବସଭାର ଦୃଶ୍ୟ—(ଆଗରେ ଅପସରାମାନେ ନୃତ୍ୟ କରୁଥିବା)

ଇନ୍ଦ୍ର—(କିଛିକ୍ଷଣ ପରେ) ତୁମ୍ଭେମାନେ ଅନେକକ୍ଷଣ ହେଲା ନୃତ୍ୟ କଲଣି, ବର୍ତ୍ତମାନ ଯାଇ ବିଶ୍ରାମ କର ।

ଅପ୍ସରାମାନେ—ଯେ ଆଜ୍ଞା । (ପ୍ରଣାମ କରି ପ୍ରସ୍ଥାନ)

ଇନ୍ଦ୍ର—ସୁରଗଣ ! ଦଶାନନ ବିନଷ୍ଟ ହେବା କଥା ଶୁଣି ଆମ୍ଭ ମନ ଅତ୍ୟନ୍ତ ଆନନ୍ଦିତ ହେଉଅଛି ।

ନିଶାକର—(ଦଣ୍ଡାୟମାନ ହୋଇ) ଆଜ୍ଞା, ରାବଣସ୍ୱରୂପ ଦୁର୍ଦ୍ଦିନାନ୍ଧକାର ଦୂର ହେବାରୁ ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ସମସ୍ତେ ଖୁସି ଅଛନ୍ତି । ଆପଣ ଦେବଲୋକର ସ୍ୱାଧୀନତା ପୁନଃପ୍ରାପ୍ତ ହେଲେ, ଆପଣଙ୍କ ମନ କାହିଁକି ଆନନ୍ଦିତ ନ ହେବ ? (ଆସୀନ)

ଦିବାକର—(ଉଭା ହୋଇ) ଆପଣ ଏ ଅଧିକାର ପ୍ରଜାପତିଙ୍କ ଅନୁକୂଳରୁ ପ୍ରାପ୍ତ ହୋଇଅଛନ୍ତି । ଏ ହେତୁ ଆମ୍ଭେ ପ୍ରସ୍ତାବ କରୁଅଛୁଁ, ଯେ ଏ ଦେବସମାଜପକ୍ଷରୁ ପ୍ରଜାପତିଙ୍କ ନିକଟକୁ ଆମ୍ଭମାନଙ୍କର କୃତଜ୍ଞତାସୂଚକ ଧନ୍ୟବାଦ ପତ୍ର ଲେଖାଯାଉ । (ଆସୀନ)

ନିଶାକର—(ଦଣ୍ଡାୟମାନ ହୋଇ) ଆମ୍ଭେ ଦିବାକରଙ୍କ ପ୍ରସ୍ତାବ ଅନୁମୋଦନ କରୁଅଛୁଁ । (ଆସୀନ)

ଇନ୍ଦ୍ର—ହଁ ଭଲ କହିଲ । ବୃହସ୍ପତି ! ଆମ୍ଭମାନଙ୍କର କୃତଜ୍ଞତାସୂଚକ ଧନ୍ୟବାଦପତ୍ର ଶୀଘ୍ର ଏ ପ୍ରଜାପତିଙ୍କ ନିକଟକୁ ଲେଖି ଦିଅ ।

ବୃହସ୍ପତି—ଯେ ଆଜ୍ଞା ।

ନେପଥ୍ୟେ ନାରଦ—ସଦା ମନ କର ଧ୍ୟାନ ପ୍ରଭୁ ନାରାୟଣ ।
ଷଡ଼ଶକ୍ତିମାନ ଦେବ ନିତ୍ୟ ନିରଞ୍ଜନ ।୧।
କାମାଦି ରିପୁହୀନ ସର୍ବକାରଣସ୍ଥିତ,
ଦୟାମୟ ଜ୍ଞାନମୟ ସର୍ବତ୍ର ସମାନ ।୨।

ଅନାଦି ଅକ୍ଷୟ ପୂର୍ଣ୍ଣ, ନାହିଁ ଦେହ ନାହିଁ ବର୍ଣ୍ଣ,
ନେତ୍ରହୀନ କରନ୍ତି ସେ ସର୍ବ ବିଲୋକନ । ୩ ।
ଚକ୍ଷୁର ସେ ଅଗୋଚର, ଦେବଦେବ ପରାତ୍ପର,
ସର୍ବତ୍ର ତାଙ୍କ ବିହାର, ନାହିଁ ଟି ଚରଣ । ୪ ।
ବର୍ମା ଭ୍ରମୁଅଛୁ ମନ, ନାହିଁକି କର୍ତ୍ତବ୍ୟ ଜ୍ଞାନ,
ନିତ୍ୟ ସୁଖ ଭୁଞ୍ଜ ତାଙ୍କ ପଦେ ଦେଇ ମନ । ୫ ।

ଗାନ କର କର ନାରଦଙ୍କର ପ୍ରବେଶ ।

ଦେବତାମାନେ—(ଦଣ୍ଡାୟମାନ ହୋଇ ପ୍ରଣାମ କରିବା)

ନାରଦ—ସ୍ୱସ୍ତ୍ୟସ୍ତୁ, ଆଜ ତୁମ୍ଭେମାନେ ଏ ଦେବଲୋକରେ ନିଃଶଙ୍କରେ ବାସ କରୁଥିବାର ଦେଖି ଅମ୍ଭେ ଅତ୍ୟନ୍ତ ଆନନ୍ଦିତ ହେଲୁଁ ।

ଇନ୍ଦ୍ର—ଏ ଆସନରେ ବସିବା ହୁଅନ୍ତୁ ।

ନାରଦ—(ଆସନରେ ବସି) ତୁମ୍ଭେମାନେ ବସ ।

ଦେବତାମାନେ—(ଆସନରେ ବସିବା)

ଇନ୍ଦ୍ର—ଆପଣ ବର୍ତ୍ତମାନ କେଉଁ ଆଡୁ ଆସିବା ହେଲେ ?

ନାରଦ—ଅମ୍ଭେ ମର୍ତ୍ତ୍ୟରୁ ଆସିଲୁଁ ।

ଇନ୍ଦ୍ର—ମର୍ତ୍ତ୍ୟରେ ଲକ୍ଷ୍ମୀ ନାରାୟଣ ଭଲ ଅଛନ୍ତି ?

ନାରଦ—ହଁ, ଭଲ ଅଛନ୍ତି, ଅଧିକାଇ ସାଂସାରିକ ସୁଖ ଭୋଗ କରିବାରେ ମାତିଅଛନ୍ତି ।

ଇନ୍ଦ୍ର—ବୈକୁଣ୍ଠକୁ କେବେ ଆସିବେ ?

ନାରଦ—ବୋଧହୁଏ, ଦେହାନ୍ତର ଧାରଣ କରିଥିବାରୁ ନିଜ ଧାମ ତାଙ୍କର ସ୍ମରଣ ହେଉ ନାହିଁ, କାରଣ ପ୍ରଜାମାନଙ୍କ ଅନୁରଞ୍ଜନ କରିବାପାଇଁ ସର୍ବଦା ବ୍ୟସ୍ତ ଅଛନ୍ତି, ଆଉ ବର୍ତ୍ତମାନ ଲକ୍ଷ୍ମୀ ଗର୍ଭବତୀ ଥିବାରୁ ସେ ପ୍ରାକୃତ ପୁରୁଷ ପରି ତାହାଙ୍କ ସ୍ନେହାଧୀନ ହୋଇ ସର୍ବଦା ତାଙ୍କ ଉପରେ କାଳଯାପନ କରୁଅଛନ୍ତି ।

ଦିବାକର—ଲକ୍ଷ୍ମୀନାରାୟଣ ବୈକୁଣ୍ଠରେ ନ ରହିବାରୁ ଏ ସ୍ୱର୍ଗଧାମ ମସ୍ତକହୀନ ବସ୍ତୁ ପରି ଅସୁନ୍ଦର ଦିଶୁଅଛି । କିପରି ସେ ବୈକୁଣ୍ଠକୁ ବାହୁଡ଼ି ଆସିଲେ ଭଲ ହୁଅନ୍ତା । ଦେବକାର୍ଯ୍ୟ ତ ସାଧନ ହେଲାଣି, ଆଉ ମର୍ତ୍ତ୍ୟରେ ରହିବା ତାଙ୍କର ପ୍ରୟୋଜନ କଅଣ ? ପ୍ରଭୁଙ୍କର ବୈକୁଣ୍ଠ କାହିଁକି ସ୍ମରଣ ହେଉ ନାହିଁ ?

ନାରଦ—ଲକ୍ଷ୍ମୀ ସଙ୍ଗରେ ରହିବାରୁ ସେ ମର୍ତ୍ତ୍ୟକୁ ବୈକୁଣ୍ଠ ବୋଲି ମନେ କରୁଅଛନ୍ତି । ଯଦି ତୁମ୍ଭେମାନେ ତାହାଙ୍କୁ କୌଣସି ଉପାୟରେ ଲକ୍ଷ୍ମୀଛଡ଼ା କରାଇ ପାରିବ, ତେବେ ତାହାଙ୍କର ବୈକୁଣ୍ଠ ମନେ ପଡ଼ିବ, ସେ ନିଶ୍ଚୟ ବାହୁଡ଼ି ଆସିବେ ।

ଇନ୍ଦ୍ର—କେଉଁ ଉପାୟ ଅବଲମ୍ବନ କଲେ ଆମ୍ଭେମାନେ ତାହାଙ୍କୁ ଲକ୍ଷ୍ମୀଛଡ଼ା କରାଇ ପାରିବୁଁ, ଆମ୍ଭମାନଙ୍କୁ ତେବେ ସେହି ଉପାୟଟି କହି ଦିଅନ୍ତୁ ।

ନାରଦ—ଏ କାର୍ଯ୍ୟ ତୁମ୍ଭମାନଙ୍କର ସାଧ୍ୟ ନୁହେ, ତୁମ୍ଭେ ଅଘଟନଘଟନା-ପଟୀୟସୀ ଶକ୍ତି ମାୟାଦେବୀଙ୍କୁ ଏ କାର୍ଯ୍ୟ ସାଧନ କରାଇ ଦେବାପାଇଁ ଯାଇ ପ୍ରାର୍ଥନା କର, ସେ ଏ କାର୍ଯ୍ୟ ସହଜରେ ସାଧନ କରାଇଦେଇ ପାରିବେ । (ଉଠି) ଆମ୍ଭେ ଯାଉଅଛୁଁ । (ପ୍ରସ୍ଥାନ)

ସମସ୍ତ ଦେବତାମାନେ—(ପ୍ରଣାମ କରିବା) ।

ଇନ୍ଦ୍ର—ସୁରଗଣ ! ବର୍ତ୍ତମାନ ସଭା ଭଙ୍ଗ କରାଯାଉ, ତୁମ୍ଭେମାନେ ଯେ ଯାହା କାର୍ଯ୍ୟ କରିବାକୁ ଯାଅ, ଆମ୍ଭେ ମାୟାଦେବୀଙ୍କ ନିକଟକୁ ଯାଉଅଛୁଁ । (ଉଠି ପ୍ରସ୍ଥାନ) (ସମସ୍ତଙ୍କର ପ୍ରସ୍ଥାନ) ।

ବିଷମ୍ଭକ ।

୧ ମ ଦୃଶ୍ୟ ।

(ପଲଙ୍କ ଉପରେ ରାମ ଓ ସୀତା ଆସୀନ ।)

ରାମ—ଦେବି ! ଦୁଃଖିତ ହୁଅ ନାହିଁ, ତୁମ୍ଭ ପିତା ମହାଶୟ ତୁମ୍ଭର

କୌଣସି ଗ୍ରହଦୋଷ ଥିବାର ଜାଣି ଯାଇ ତାହାର ଶାନ୍ତିବିଧାନ କରିବାପାଇଁ ସୋମତୀର୍ଥକୁ ତପସ୍ୟା କରିବାକୁ ବାହାରଗଲେ, ତପସ୍ୟା ସାରି ପୁଣି ଏଠାକୁ ଆସିଯିବେ, ଏଥିପାଇଁ ଦୁଃଖିତ କାହିଁକି ହଉଛ ?

ସୀତା—ହଁ, ତାହା ମୁଁ ଶୁଣିଛି, ଅରୁନ୍ଧତୀ ଦେବୀ ଆଉ ଆମ୍ଭ ଶାଶୁ-ମାନେ ଆପଣଙ୍କ ଭଗିନୀପତି ଋଷ୍ୟଶୃଙ୍ଗ ମହର୍ଷିଙ୍କ ଯାଗ-ନିମନ୍ତ୍ରଣରେ ମତେ ଛାଡ଼ି ବାହାରି ଯାଇଅଛନ୍ତି; ପିତା ମହାଶୟ ଥିଲେ ସେ ମଧ୍ୟ ବାହାରଗଲେ, ସମସ୍ତ ଗୁରୁଜନମାନଙ୍କର ଏକାବେଳକେ ବିରହ ଘଟିବାରୁ ମୋ ମନ ଦୁଃଖିତ ହଉଛି ।

ରାମ—ହଁ, ଏକାବେଳକେ ଗୁରୁଜନମାନଙ୍କର ବିରହ ଘଟିଲେ ମନ ଦୁଃଖିତ ହୁଏ ।

କଞ୍ଚୁକୀ—(ପ୍ରବେଶ ହୋଇ) ମହାରାଜଙ୍କର ଜୟ ହଉ । ଦେବ ! ଋଷ୍ୟଶୃଙ୍ଗଙ୍କ ଆଶ୍ରମରୁ ଅଷ୍ଟାବକ୍ର ଆସିଅଛନ୍ତି ।

ରାମ—ମହର୍ଷି ଅଷ୍ଟାବକ୍ର ଆସିଅଛନ୍ତି ?

କଞ୍ଚୁକୀ—ଆଜ୍ଞା ।

ରାମ—ଶୀଘ୍ର ତାହାଙ୍କୁ ଏଠାକୁ ଘେନି ଆସ ।

କଞ୍ଚୁକୀ—ଯେ ଆଜ୍ଞା । (ପ୍ରସ୍ଥାନ)

ସୀତା—ମହର୍ଷି କଣ ଆପଣଙ୍କୁ ଋଷ୍ୟଶୃଙ୍ଗଙ୍କ ଆଶ୍ରମକୁ ନେବାକୁ ଆସି-ଅଛନ୍ତି କି ? ଆପଣ ମତେ ଛାଡ଼ି ଯିବେ ନାହିଁ ।

ରାମ—ତୁମ୍ଭେ ଗର୍ଭବତୀ ଅଛ ଏ ସମୟରେ ଆମ୍ଭେ ତୁମ୍ଭଙ୍କୁ ଛାଡ଼ି ବାହାରି ଯିବୁଁ ?

ଅଷ୍ଟାବକ୍ର—(ପ୍ରବେଶ ହୋଇ) ମହାରାଜ ମହାରାଣୀଙ୍କର ଜୟ ହେଉ ।

ରାମ, ସୀତା—(ଦଣ୍ଡାୟମାନ ହେବା)

ରାମ—ମହର୍ଷେ ! ପ୍ରଣାମ, ଏ ଆସନରେ ବସିବା ହୁଅନ୍ତୁ ।

ଅଷ୍ଟାବକ୍ର—(ଆସନରେ ବସିବା)

ସୀତା—ମହର୍ଷେ ! ପ୍ରଣାମ ।

ଅଷ୍ଟାବକ୍ର—ବୀର ପୁତ୍ର ପ୍ରସବ କର ।

ସୀତା—(ମୁଣ୍ଡ ତଳକୁ ପୋତିବା)

ଅଷ୍ଟାବକ୍ର—ତୁମ୍ଭେ ଦୁହେଁ ଆସନରେ ବସ ।

ରାମ, ସୀତା—(ବସିବା)

ସୀତା—ଆମ୍ଭ ଶାଶୁମାନେ ଓ ଶାନ୍ତା ଦେବୀ ଭଲ ଅଛନ୍ତି ତ ? ମତେ ମନେ ପକାଉଥାନ୍ତିକି ?

ଅଷ୍ଟାବକ୍ର—ହଁ, ସବୁବେଳେ ତୁମର କଥା ପଡ଼ିଥାଏ; ମହାରାଜ ! ଅରୁନ୍ଧତୀ ଦେବୀ, ତୁମ୍ଭ ମାଆମାନେ ଓ ଶାନ୍ତାଦେବୀ ବାରମ୍ବାର କହୁଅଛନ୍ତି, ଜାନକୀ ଯେତେବେଳେ ଯାହା ଇଚ୍ଛା କରୁଥିବେ, ଅବଶ୍ୟ ତାହା ସମ୍ପାଦନ କରାଇ ଦେଉଥିବ ।

ରାମ—ହଁ, ଏ ଯେତେବେଳେ ଯାହା କହୁଅଛନ୍ତି, ଅବଶ୍ୟ ତାହା ସମ୍ପାଦନ କରାଇ ଦିଆ ଯାଉଅଛି ।

ଅଷ୍ଟାବକ୍ର—ଓ ତୁମ୍ଭ କୁଳଗୁରୁ ବଶିଷ୍ଠ ଦେବ କହୁଅଛନ୍ତି, ପ୍ରଜାରଞ୍ଜନ ବ୍ରତ ତୁମ୍ଭ କୁଳର ପରମ ଧନ ଅଟେ । ଆମ୍ଭେ ଏଠାରେ ତୁମ୍ଭ ଭଗିନୀପତି ଋଷ୍ୟଶୃଙ୍ଗଙ୍କ ଯାଗକାର୍ଯ୍ୟରେ ଆବଦ୍ଧ ଅଛୁଁ; ତୁମ୍ଭେ ବାଳକ ନୂଆ ହୋଇ ରାଜା ହୋଇଅଛ, ପ୍ରଜାମାନଙ୍କ ଅନୁରଞ୍ଜନ କରିବା ବିଷୟରେ ସାବଧାନ ଥିବ ।

ରାମ—ଆମ୍ଭେ ଗୁରୁଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରୁଁ; ପ୍ରଜାମାନଙ୍କ ଅନୁରଞ୍ଜନ କରିବାପାଇଁ ଆମ୍ଭର ସମସ୍ତ ସୁଖ, ଦୟା, ସ୍ନେହ ବା ଏ ଜାନକୀଙ୍କ ଛାଡ଼ିବାକୁ ପଡ଼ିଲେ ଛାଡ଼ି ପାରୁଁ ।

ସୀତା—(ହସି) ଏଥିପାଇଁ ଲୋକେ ଆପଣଙ୍କୁ ରଘୁବଂଶୀୟ ରାଜାମାନଙ୍କର ଅଗ୍ରଣୀ ବୋଲି କହନ୍ତି ।

ଅଷ୍ଟାବକ୍ର—ଆମ୍ଭେ ଯାଉଅଛୁଁ ।

ରାମ—କିଏ ଅଛ ?

କଞ୍ଚୁକୀ—(ପ୍ରବେଶ ହୋଇ) ଆଜ୍ଞା ଦଣ୍ଡବତ୍ ମହାରାଜ !

ରାମ—ଏ ମହର୍ଷିଙ୍କୁ ଆମ୍ଭ ହୋମଘରେ ବିଶ୍ରାମ କରାଅ ।

କଞ୍ଚୁକୀ—ଯେ ଆଜ୍ଞା । (ଅଷ୍ଟାବକ୍ରଙ୍କ ସହ ପ୍ରସ୍ଥାନ)

ରାମ—ପ୍ରିୟେ ! ଯେତେବେଳେ ଯାହା ତୁମ୍ଭର ଇଚ୍ଛା ହେଉଥିବ ଲଜ୍ଜା ନ ରଖି ଆମ୍ଭ ଆଗରେ କହୁଥିବ, ଗର୍ଭିଣୀମାନଙ୍କ ଇଚ୍ଛା ଅପୂର୍ଣ୍ଣ ରହିଲେ ସନ୍ତାନ ପ୍ରତି ବାଧା ହୁଏ ।

ସୀତା—ମୋର ଏଣିକି ଆଉ କିଛି ଇଚ୍ଛା ହେଉ ନାହିଁ, କେବଳ ଏତିକି ଇଚ୍ଛା ହେଉଛି, ଋଷିମାନଙ୍କର ପବିତ୍ର ଆଶ୍ରମ ଥରେ ଦେଖି ଆସନ୍ତି, ଦିନେ ହେଲେ ସେ ଗଙ୍ଗାକୂଳବାସୀ ଫଳ-ମୂଳାଶୀ ଋଷିମାନଙ୍କ ଆଶ୍ରମରେ ରହି ଆସନ୍ତି ।

ରାମ—ହଉ, ପଠାଇ ଦେବୁଁ ।

ସୀତା—ଆର୍ଯ୍ୟପୁତ୍ର ! ମତେ ଅଳସ ବୋଧ ହେଉଛି, ମୁଁ ଟିକିଏ ଶୋଇବ ।

ରାମ—ହଉ, ଆମ୍ଭ ଏ ଅଙ୍ଗକୁ ଆଶ୍ରୟ କରି ଶୟନ କର ।

ସୀତା—(ହସି) ନାହିଁ, ଆପଣଙ୍କ ଅଙ୍ଗକୁ ବାଧା ହେବ, ମୁଁ ଅନ୍ୟଠାରେ ଯାଇ ଶୋଉଛି ।

ରାମ—ତୁମ୍ଭେ ତ ବନରେ ସର୍ବଦା ଏହି ଅଙ୍ଗକୁ ଆଶ୍ରୟ କରି ଶୋଉଥିଲ, ଆଜ କାହିଁକି ଅନ୍ୟତ୍ର ଯାଇ ଶୋଇବ ? (ସୀତାଙ୍କୁ ବଳାତ୍କାରରେ କୋଳରେ ଶୁଆଇବା)

ସୀତା—ପ୍ରକୃତରେ ଆପଣଙ୍କ ଅଙ୍ଗ ପରି ଅନ୍ୟଠା ମତେ କେବେ ସୁଖ ଲାଗେ ନାହିଁ । (ଶୋଇବା)

ରାମ—ପ୍ରିୟା ତ ନିଦରେ ଶୋଇ ପଡ଼ିଲେଣି, (ଅନାଇ) ଏ ଆମ୍ଭ ଗୃହର ଲକ୍ଷ୍ମୀ, ନୟନର ଆନନ୍ଦଦାୟିନୀ, ଏହାଙ୍କ ସ୍ପର୍ଶ ଆମ୍ଭଙ୍କୁ ବହୁଳ ଚନ୍ଦନ ରସ ପରି ସୁଖାଳିଆ ବୋଧ ହୁଏ, ବିରହ ଛଡ଼ା ଏହାଙ୍କର କେଉଁ କଥା ବା ଆମ୍ଭର ପ୍ରୀତିଜନକ ନୁହେଁ ?

କଞ୍ଚୁକୀ—(ପ୍ରବେଶ ହୋଇ) ଦେବ ! ଆପଣଙ୍କ ପାର୍ଶ୍ୱସେବକ ଦୁର୍ମୁଖ ଆସିଛି ।

ରାମ—ଆମ୍ଭ ଅନ୍ତଃପୁରଚାରୀ ଦୁର୍ମୁଖ ?

କଞ୍ଚୁକୀ—ଆଜ୍ଞା ।

ରାମ—ଆମ୍ଭ ନଗରବାସୀ ପ୍ରଜାମାନେ ଆମ୍ଭ ବିଷୟରେ କିଏ କଣ କହୁଅଛନ୍ତି ବୁଝି ଆସିବାକୁ ପଠାଇଥିଲୁଁ । ଯାଅ, ତାକୁ ଏଠାକୁ ଆସିବାକୁ କହିଦିଅ ।

କଞ୍ଚୁକୀ—ଯେ ଆଜ୍ଞା । (ପ୍ରସ୍ଥାନ)

ସୀତା—ହା ଆର୍ଯ୍ୟପୁତ୍ର ।

ରାମ—ଅରେ ! ଦେବୀ କେଉଁଣ ଗୋଟିଏ ଖରାପ ସ୍ୱପ୍ନ ଦେଖି ଚମକିଲାଭଳି ଅଛନ୍ତି ! (ଆଉଁସି) ଦେବି ! ଭୟ କର ନା, ଆମ୍ଭେ ପାଖରେ ଅଛୁଁ ।

ଦୁର୍ମୁଖ—(ପ୍ରବେଶ ହୋଇ) ମହାରାଜଙ୍କର ଜୟ ହେଉ ।

ରାମ—କଅଣ ଶୁଣି ଆସିଲ ?

ଦୁର୍ମୁଖ—ଆଜ୍ଞା, ପ୍ରଜାମାନେ ଆପଣଙ୍କୁ ପ୍ରଶଂସା କରୁଅଛନ୍ତି, କହୁଅଛନ୍ତି ରାମଚନ୍ଦ୍ରଙ୍କ ସୁଶାସନରେ ଆମ୍ଭେମାନେ ମହାରାଜ ଦଶରଥଙ୍କୁ ପାସୋରି ପକାଇଅଛୁଁ ।

ରାମ—ଏ ତ ଆମ୍ଭ ପ୍ରଶଂସା କଥା, ଯଦି କେହି ଆମ୍ଭଙ୍କୁ କୌଣସି ବିଷୟରେ ନିନ୍ଦା କରୁଅଛନ୍ତି ତ କହ ।

ଦୁର୍ମୁଖ—ଆଜ୍ଞା, ଦୁର୍ଜନମାନେ କିଏ କଅଣ କହୁଅଛନ୍ତି, ସେ କଥା ଶୁଣି ଆପଣଙ୍କର କି ଲାଭ ?

ରାମ—ଆମ୍ଭର ତ ସେହି ସବୁ କଥା ଶୁଣିବା ଉଚିତ ହେଉଅଛି, ଦୋଷ ଜଣା ପଡ଼ିଲେ ସିନା ତାହାର ପ୍ରତିବିଧାନ କରାଯିବ ।

ଦୁର୍ମୁଖ—(ପାଖକୁ ଯାଇ କାନରେ ଏପରି ଏପରି)

ରାମ—ଉଃ ! କି ବଜ୍ରପାତ ସମ ଦାରୁଣ ବଚନ !! (କିଛିକ୍ଷଣ ରହି

ଯାଇ) ଜାନକୀଙ୍କର ପରଗୃହବାସ ଦୋଷ ଅଗ୍ନିପରୀକ୍ଷାଦ୍ୱାରା ଦୂରୀଭୂତ ବସ୍ତ ହୋଇଥିଲେହେଁ, ବାସ୍ତୁ ଲୁବ୍ଧର ବଶ କାଳାନ୍ତରରେ ଶରୀରକେ ବ୍ୟାପ୍ତ ହେଲା ପରି ଏ ଜନାପବାଦ ଆମ୍ଭ ପ୍ରଜାମାନଙ୍କ ମଧ୍ୟରେ ବ୍ୟାପ୍ତ ହେଲା ? ମୁଁ ହତଭାଗ୍ୟ, କଅଣ କରିବ ? (ଚିନ୍ତା କରି) ଅଉ ଚିନ୍ତା କଲେ କଅଣ ହେବ ? ଇକ୍ଷ୍ୱାକୁମାନେ ଯେ କୌଣସି ପ୍ରକାରେ ପ୍ରଜାରଞ୍ଜନ ବ୍ରତ ପାଳନ କରି ଆସିଅଛନ୍ତି, ଭଗବାନ୍ ବଶିଷ୍ଠଦେବ ପ୍ରଜାମାନଙ୍କୁ ଅନୁରଞ୍ଜନ କରିବା ବିଷୟରେ ସାବଧାନ ଥିବ ବୋଲି ଏହିକ୍ଷଣି ଆଜ୍ଞା ପଠାଇଅଛନ୍ତି, ଏହା ମୁଁ ଦେଖି ଶୁଣି କପରି ତାହା ଲଙ୍ଘନ କରିବ ? ହା ଦେବ ! ଯଜ୍ଞଭୂମିସମ୍ଭବେ ! ହା ଜନକବଂଶଆନନ୍ଦଦାୟିନି ! ହା ଦଣ୍ଡକାରଣ୍ୟବାସପ୍ରିୟସଖି ! ହା ରାମୈକଜୀବନେ ! ତୁମ୍ଭ ଲାଗି ଏ ଧରଣୀ ପବିତ୍ର ହୋଇଅଛି ! ତୁମ୍ଭଙ୍କୁ ଏ ଜନାପବାଦ ଅପବିତ୍ର କଲା ? ତୁମ୍ଭ ଲାଗି ଲୋକେ ସନାଥ ହୋଇଅଛନ୍ତି । ତୁମ୍ଭେ ଅନାଥା ହୋଇ ବିପଦ୍‌ଗ୍ରସ୍ତ ହେବ ? ଦୁର୍ମୁଖ ! ଏଣିକି ଆସ ।

ଦୁର୍ମୁଖ—କକଟକୁ ସିଦା ।

ରାମ—ତୁମ୍ଭେ ଲକ୍ଷ୍ମଣଙ୍କୁ ଯାଇ କହିବ । (କାନରେ ଏପରି)

ଦୁର୍ମୁଖ—ଏଥିପାଇଁ ଦେବୀ ଥରେ ଅଗ୍ନିପରୀକ୍ଷା ଦେଇଅଛନ୍ତି, ଅଉ ବର୍ତ୍ତମାନ ଗର୍ଭବତୀ ଅଛନ୍ତି, ସନ୍ତାନଟିଏ ହେଲେ ରଘୁକୁଳ ପବିତ୍ର ହେବ, ଆପଣ ଦୁର୍ଜନମାନଙ୍କ କଥାରେ ଦେବୀଙ୍କର ଅନିଷ୍ଟ କରିବେ ?

ରାମ—ଆଃ, ଆମ୍ଭ ପ୍ରଜାମାନେ କାହିଁକି ଦୁର୍ଜନ ହେବେ ? ଆମ୍ଭ କୁଳ-ବୃଦ୍ଧଙ୍କୁ ଗୋଟାଏ ନିନ୍ଦାର କାରଣ ଘଟି ଯାଇଅଛି, ଅଉ ଦେବୀଙ୍କର ଯେଉଁ ଅଦ୍ଭୁତ ଅଗ୍ନିପରୀକ୍ଷା ହୋଇଥିଲା ତାହା ଅନେକ ଦୂରରେ ହୋଇଥିଲା, ଏମାନେ ତାହା କେହି ଦେଖି ନାହାନ୍ତି, କିପରି ବିଶ୍ୱାସ କରିବେ ? ତୁମ୍ଭେ ଯାଅ ।

ଦୁର୍ମୁଖ—ହା ଦେବ ! (ଧୀର ଧୀର ପ୍ରସ୍ଥାନ)

ରାମ—ଉଃ ! କି କଷ୍ଟ ଉପସ୍ଥିତ ହେଲା ? ମୁଁ କ୍ରୂର, ଘାତକୀ, ଯାହାଙ୍କୁ ମୁଁ ପିଲାଦିନୁଁ ପ୍ରତିପାଳନ କରି ଆସିଅଛି, ଯାହାଙ୍କର ମୋ ଭିନ୍ନ ଅନ୍ୟ କେହି ଅବଲମ୍ବନ ନାହିଁ, କଂସାର ନିଜ ଗୃହ-ପାଳିତ ପକ୍ଷୀକୁ ନାଶ କଲା ପରି ମୁଁ ସେହି ଦେବୀଙ୍କୁ ବିନାଶ କରିବାକୁ ବସିଅଛି ? ମୁଁ ପାପୀ, ଅସ୍ପୃଶ୍ୟ, ଦେବୀଙ୍କୁ ସ୍ପର୍ଶ କରି କାହିଁକି ଅପବିତ୍ର କରୁଛି ? (ସୀତାଙ୍କ ମସ୍ତକକୁ ଜଙ୍ଘ ଉପରୁ ଖସାଇ ଶୁଆଇ ଦେବା) ପ୍ରିୟେ ! ଅଦ୍ୟାବଧି ତୁମ୍ଭେ ଭ୍ରମରେ ପଡ଼ିଥିଲ, ମୁଁ ଅକର୍ମନାଶୀ ଚଣ୍ଡାଳ, ଚନ୍ଦନ ଭ୍ରମରେ ବିଷବୃକ୍ଷ ଆଶ୍ରୟ କରିଥିଲ, ଏବେ ମୋତେ ତ୍ୟାଗ କର ! (ପଲଙ୍କ ଉପରୁ ଓହ୍ଲାଇ) ଅଦ୍ୟଠାରୁ ମୋହର ଜୀବନ ପ୍ରୟୋଜନ ଶେଷ ହେଲା, ସଂସାର ମୋ ପ୍ରତି ଅସାର ହେଲା, ଶରୀର ଧାରଣ କରିବା ମତେ ଅସହ୍ୟ ବୋଧ ହେଉଅଛି, କଅଣ କରିବି ? ମୋହର କି ଗତି ହେବ ? ସତତ ଦୁଃଖ ଭୋଗ କରିବ ବୋଲି କି ବିଧି ମତେ ଜୀବନ ଦେଇଥିଲା ? ହା ମାତଃ, ଅରୁନ୍ଧତି ! ହା ଭଗବନ୍ ବଶିଷ୍ଠ ବିଶ୍ୱାମିତ୍ର ! ହା ତାତ ଜନକ ! ପାପୀ ରାମ ତୁମ୍ଭମାନଙ୍କୁ ଅଦ୍ୟାବ ପ୍ରତାରଣା କରି ଅପବିତ୍ର କରିଥିଲା । କାହିଁକି ମୁଁ ଏମାନଙ୍କ ନାମ ଧରୁ-ଅଛି ? ମୋ ପରି ପାପାତ୍ମାଦ୍ୱାରା ଏମାନଙ୍କ ନାମ ଗୃହୀତ ହେଲେ ଏମାନଙ୍କୁ ପାପ ସ୍ପର୍ଶ କରିବ ! ମୁଁ ଏଡ଼େ ପାପୀ ଯେ ଗୃହର ଶୋଭାରୂପିଣୀ ଯେଉଁ ପ୍ରିୟତମା ଗୃହିଣୀ ମତେ ପ୍ରିୟତମ ବୋଲି ବିଶ୍ୱାସ କରି ମୋ ଅଙ୍ଗକୁ ଆଶ୍ରୟ କରି ଶୋଇଥିଲେ, ଯେ ଗର୍ଭବତୀ ଥିବାରୁ ହିଂସ୍ର ଜନ୍ତୁମାନଙ୍କ ହାତରୁଁ ପଳାଇବାକୁ ଅସମର୍ଥ, ଯାହାଙ୍କର ହିଂସ୍ର ଜନ୍ତୁ ଦର୍ଶନରେ ଗର୍ଭପାତ ହେବାର ସମ୍ଭାବନା, ତାହାଙ୍କୁ ମୁଁ ହିଂସ୍ର ଜନ୍ତୁମାନଙ୍କଠାରେ ବଳି ଦେଲା ପରି ବନରେ ଛାଡ଼ି ଦେଉଅଛି ?

ନେପଥ୍ୟେ—ଯମୁନାତୀରବାସୀ ଉଗ୍ର ତପସ୍ୱୀ ଋଷିମାନେ ଲବଣ-
ରାକ୍ଷସର ଅତ୍ୟାଚାରରେ ଭୀତ ହୋଇ ବନରୁ ପଳାଇ ଆସି
ମହାରାଜ ରାମଚନ୍ଦ୍ରଙ୍କର ଶରଣ ପ୍ରାର୍ଥନା କରୁଅଛନ୍ତି ।

ରାମ—ଅଦ୍ୟାପି ପୁଣି ରାକ୍ଷସମାନେ ଅତ୍ୟାଚାର କରୁଅଛନ୍ତି ? ଚାଲ,
ଆମ୍ଭେ ଯାଉଅଛୁ । (ସଙ୍କୋଚରେ) ଦେବି ! ଦେବି ! ତୁମ୍ଭ
ଅମୃତ ଅଙ୍ଗ ସ୍ପର୍ଶ ଏଣିକ ଏତିକ । (ପ୍ରସ୍ଥାନ)

ସୀତା—(କିଛିକ୍ଷଣ ପରେ ଉଠି ଚାରି ଆଡ଼କୁ ଚାହିଁ) ଆର୍ଯ୍ୟପୁତ୍ର
ମତେ ଏକୁଟିଆ ଏଠାରେ ଛାଡ଼ି ବାହାରି ଗଲେ ? କିଏ
ଅଛ ରେ !

ଦୁର୍ମୁଖ—(ପ୍ରବେଶ ହୋଇ) ଦେବି ! ତପୋବନ ଦେଖିବାକୁ ଯିବେ
ପରା ? କୁମାର ଲକ୍ଷ୍ମଣ ରଥ ସୁସଜ୍ଜିତ କରି ଆଣିଅଛନ୍ତି ।

ସୀତା—ମତେ ତପୋବନ ଦେଖାଇ ଆଣିବା ପାଇଁ ଲକ୍ଷ୍ମଣ ରଥ
ସୁସଜ୍ଜିତ କରି ଆଣିଛନ୍ତି ?

ଦୁର୍ମୁଖ—ଆଜ୍ଞା ।

ସୀତା—ତେବେ ଚାଲ ଯାଉଛି, ରଘୁକୁଳ ଦେବତାଙ୍କୁ ପ୍ରଣାମ, ଆର୍ଯ୍ୟ-
ପୁତ୍ରଙ୍କ ପଦଦ୍ୱୟକୁ ପ୍ରଣାମ, ସକଳ ଗୁରୁଜନମାନଙ୍କୁ ପ୍ରଣାମ ।
(ପ୍ରସ୍ଥାନ)

ଇତି ପ୍ରଥମ ଅଙ୍କ ।

—•❋:(•):❋•—

ଦ୍ୱିତୀୟ ଅଙ୍କ ।

ନେପଥ୍ୟେ—ତପସ୍ୱିନି ! ଏଣେ ଆସିବା ହୁଅନ୍ତୁ ।

ପଥିକବେଶା ତପସ୍ୱିନୀ—(ପ୍ରବେଶ ହୋଇ) ମତେ କିଏ ଡାକୁଛି ?
(ସାଶ୍ଚର୍ଯ୍ୟେ ଚାରିଆଡ଼କୁ ଚାହିଁବା)

ବାସନ୍ତୀ—(ପ୍ରକଟ ହୋଇ) ଅଛ ଅମ୍ଭର ସଦନ, ଆପଣଙ୍କୁ ଦେଖିଲୁଁ;
ସହଜ ସହବାସ ହେଲେ ପୁଣ୍ୟରେ ମିଳେ, ଏଠାରେ ବୃକ୍ଷଛାୟା
ଅଛି ତପସ୍ୱିମାନଙ୍କର ଖାଦ୍ୟ ଫଳ ମୂଳ ଅନେକ ଅଛି,
ସ୍ୱଚ୍ଛନ୍ଦରେ ଭୋଜନ କରି ବାସ କରିବା ହୁଅନ୍ତୁ ।

ତପସ୍ୱିନୀ—ଆପଣ କିଏ ?

ବାସନ୍ତୀ—ଅମ୍ଭେ ଏ ବନଦେବତା ବାସନ୍ତୀ । ଆପଣ କିଏ ? କେଉଁ-
ଠାରୁ ଆସିବା ହେଲେ ? କେଉଁଆଡ଼େ ଯାଉଅଛନ୍ତି ?

ତପସ୍ୱିନୀ—ଅମ୍ଭେ ଅତ୍ରେୟୀ, ବାଲ୍ମୀକିଙ୍କ ଆଶ୍ରମରୁ ଆସୁଅଛୁଁ, ବେଦାନ୍ତ
ବିଦ୍ୟା ଶିକ୍ଷା କରିବା ପାଇଁ ଯମୁନାତୀରବାସୀ ବ୍ରହ୍ମବାଦୀ
ଋଷିମାନଙ୍କ ଆଶ୍ରମକୁ ଯାଉଅଛୁଁ ।

ବାସନ୍ତୀ—ସେ ପୁରାତନ ବ୍ରହ୍ମବାଦୀ ଭଗବାନ୍ ବାଲ୍ମୀକିଙ୍କ ଆଶ୍ରମକୁ ତ
ଅନ୍ୟ ଋଷିମାନେ ବେଦାନ୍ତ ବିଦ୍ୟା ଶିକ୍ଷା କରିବାକୁ ଯାଆନ୍ତି,
ଆପଣ ସେଠାରେ ଶିକ୍ଷା ନ କରି ଏତେ ଦୁର୍ବିସହ କ୍ଲେଶ
କାହିଁକି ସ୍ୱୀକାର କରିବା ହେଲେ ?

ତପସ୍ୱିନୀ—ସେଠାରେ ଅମ୍ଭର ପଢ଼ା ଭଲ ହେଉ ନାହିଁ ।

ବାସନ୍ତୀ—କାହିଁକି ?

ତାପସୀ—ବାଲ୍ମୀକିଙ୍କ ଆଶ୍ରମରେ ଯୋଡ଼ିଏ କ୍ଷତ୍ରିୟ ବ୍ରହ୍ମଚାରୀ ଅଛନ୍ତି,
ଅମ୍ଭେ ସେ ଦୁହିଙ୍କ ସଙ୍ଗେ ପଢୁଥିଲୁଁ, କିନ୍ତୁ ପାଠରେ ସେ
ଦୁହିଙ୍କୁ ଅନୁଧାବନ କରି ପାରିଲୁଁ ନାହିଁ ।

ବାସନ୍ତୀ—କାହିଁକି ଅନୁଧାବନ କରି ପାରିଲ ନାହିଁ ?

ତାପସୀ—ସେ ଯୋଡ଼ିକ ବଡ଼ ବୁଦ୍ଧିମାନ୍, ଗୁରୁ ବୁଦ୍ଧିମାନ୍ ଶିଷ୍ୟକୁ
ଯେପରି ଉପଦେଶ ଦିଅନ୍ତି ଜଡ଼ାକୁ ମଧ୍ୟ ସେହିପରି ଉପଦେଶ
ଦିଅନ୍ତି, ଜଡ଼ାର ତ ଆଉ ବୁଦ୍ଧି ଶକ୍ତି ବଢ଼ାଇ ଦେଇ ପାରନ୍ତି
ନାହିଁ ? ଫଳରେ ଯେ ଯାହା ସେ ତାହା ହୁଏ, ନିର୍ମଳ ମଣିରେ
ଯେପରି ପ୍ରତିବିମ୍ବ ପଡ଼ିବ, ମାଟିରେ କି ସେପରି ପଡ଼ିବ ?

ବାସନ୍ତୀ—କାହିଁକି ? ତୁମ୍ଭେ ଅନ୍ୟ ସମୟରେ ଗୁରୁଙ୍କଠାରୁ ଛୁଟି ହଅ ନାହିଁ ?

ତାପସୀ—ଗୁରୁଙ୍କୁ ଅବସର ନାହିଁ, ସେ ଗୋଟିଏ ରାମାୟଣ ପ୍ରବନ୍ଧ ରଚନା କରୁଅଛନ୍ତି ।

ବାସନ୍ତୀ—ଆପଣଙ୍କ ଘର କେଉଁ ଦେଶରେ ?

ତାପସୀ—ଆମ୍ଭ ଘର ଅଯୋଧ୍ୟାରେ ।

ବାସନ୍ତୀ—ତୁମ୍ଭ ଘର ଅଯୋଧ୍ୟାରେ ? ଅଯୋଧ୍ୟାରେ ରାମ ଲକ୍ଷ୍ମଣ ଆଉ ଆମ୍ଭ ପ୍ରିୟସଖୀ ସୀତାଦେବୀ ଭଲ ଅଛନ୍ତି ତ ?

ତାପସୀ—ଶୁଣି ନାହିଁ କି ? (କାନରେ ଏପରି ଏପରି)

ବାସନ୍ତୀ—ହା ପ୍ରିୟସଖି ! ତୁମ୍ଭ ଉପରେ ଦୈବୀ ବଜ୍ରାଘାତ ହେଲା ? ଚିରଦିନ ଦୁଃଖ ଭୋଗ କରିବ ବୋଲି ଦୈବ ତୁମ୍ଭକୁ ଜନ୍ମ ଦେଇଥିଲା ! (କାନ୍ଦିବା)

ତାପସୀ—ଦେବି ! ଶାନ୍ତ ହୁଅନ୍ତୁ, ଆଉ କାନ୍ଦିଲେ କଅଣ ହେବ ?

ବାସନ୍ତୀ—ଲକ୍ଷ୍ମଣ ସୀତାଙ୍କୁ ବନରେ ଏକୁଟିଆ ଛାଡ଼ି ଦେଇ ଆସିବା ପରେ ସୀତାଦେବୀଙ୍କର କଅଣ ହେଲା କିଛି ଶୁଣିଛ ?

ତାପସୀ—ନା, କିଛି ଶୁଣା ଯାଇ ନାହିଁ ।

ବାସନ୍ତୀ—ରାମ ସୀତାଙ୍କୁ ଛାଡ଼ି ଦେଇ ଏବେ କିପରି ଅଛନ୍ତି ?

ତାପସୀ—ଅତି ଦୁଃଖରେ ଅଛନ୍ତି, ତାଙ୍କୁ ଝୁରି ଝୁରି କ୍ଷୀଣ ହୋଇ ଗଲେଣି, ଏବେ ଗୋଟିଏ ଯାଗ ଆରମ୍ଭ କରିଅଛନ୍ତି ।

ବାସନ୍ତୀ—ମଲା, ଏଥି ମଧ୍ୟରେ ପୁଣି ଆଉ ଗୋଟିଏ ବିବାହ ହୋଇ ସାରିଲେଣି ?

ତାପସୀ—ଆଉ ଗୋଟିଏ କାହିଁକି ବିବାହ ହୁଅନ୍ତେ ମ ?

ବାସନ୍ତୀ—ତେବେ ତାଙ୍କ ଯାଗରେ ସହଧର୍ମିଣୀ କିଏ ?

ତାପସୀ—ଶୁଣି ନାହିଁ କି ? ସୁନା ସୀତାଟିଏ ଗଢ଼ାଇଅଛନ୍ତି ।

ବାସନ୍ତୀ—ରାମଚନ୍ଦ୍ରଙ୍କ ହୃଦୟ ବୁଝିବା ବଡ଼ କଠିନ । କେତେବେଳେ ବଜ୍ର ପରି କଠିଣ । କେତେବେଳେ ପୁଷ୍ପ ପରି କୋମଳ । ଏବେ ସିନା ସେହି ସୁନାସୀତାଙ୍କୁ ନେଇ ଯାଗଶାଳାରେ ଅଛନ୍ତି ? ଲାଜ ମାତ୍ର ନାହିଁ ?

ତାପସୀ—ହୋମ ଆରମ୍ଭ ହୋଇ ନାହିଁ, ପୁରୋହିତ ଗୋଟିଏ ଅଶ୍ୱକୁ ମନ୍ତ୍ରପୂତ କରି ପୃଥିବୀରେ ବୁଲି ଆସିବା ନିମନ୍ତେ ପଠାଇ ଦେଇଅଛନ୍ତି, ବିଧି ଅନୁସାରେ ସେ ଘୋଡ଼ା ସଙ୍ଗେ ଅନେକ ସୈନ୍ୟ ଯାଉଅଛନ୍ତି । ଲକ୍ଷ୍ମଣପୁତ୍ର ଚନ୍ଦ୍ରକେତୁ ସେମାନଙ୍କର ସେନାପତି ହୋଇ ଯାଇଅଛନ୍ତି ।

ବାସନ୍ତୀ—ଲକ୍ଷ୍ମଣର ଗୋଟିଏ ପୁଅ ହେଲାଣି ? ମରଯାଏଁ, ଚିରଜୀବୀ ହୋଇ ଥାଉ । ତୁମେ ଅଯୋଧ୍ୟାରୁ ବାଲ୍ମୀକିଙ୍କ ଆଶ୍ରମକୁ ଆସିଲା ଦିନ ରାମଚନ୍ଦ୍ରଙ୍କୁ ଦେଖି ଆସିଥିଲ ?

ତାପସୀ—ନା, ସେ ତ ବର୍ତ୍ତମାନ ଅଯୋଧ୍ୟାରେ ନାହାନ୍ତି, ଅଗସ୍ତ୍ୟଙ୍କ ପତ୍ନୀ ଲୋପାମୁଦ୍ରା ବାହିଁକ ତାଙ୍କୁ ଡକାଇ ଥିବାରୁ ସେ ପୁଷ୍ପକ ବିମାନରେ ଏ ଦଣ୍ଡକାରଣ୍ୟକୁ ଆସିଅଛନ୍ତି, ଆପଣ ମତେ ସେ ବ୍ରହ୍ମବାଦୀ ଋଷିମାନଙ୍କ ଆଶ୍ରମ କେଉଁଆଡ଼େ କହି ଦଅନ୍ତୁ, ଖରା ମଡ଼ି ଆସୁଚି, ମୁଁ ବେଗେ ବାହାରି ଯିବି ।

ବାସନ୍ତୀ—ତୁମେ ଏ ଗୋଦାବରୀ କୂଳେ କୂଳେ ବାହାରି ଯାଅ, ବାମ ଦିଗରେ ସେ ଋଷିମାନଙ୍କ ଆଶ୍ରମ ଦେଖିବ ।

ତାପସୀ—ବାସନ୍ତି ! ପ୍ରଣାମ, ଆମ୍ଭେ ଯାଉଅଛୁଁ । (ପ୍ରସ୍ଥାନ)

ନେପଥ୍ୟେ—ହା ଦେବି ! ଦଣ୍ଡକାରଣ୍ୟବାସ ପ୍ରିୟସଖି ! ତୁମେ ସଙ୍ଗରେ ନ ଥିବାରୁ ଏ ପୂର୍ବ ପରିଚିତ ସ୍ଥାନମାନ ଦେଖି ଆମ୍ଭ ଅନ୍ତରାତ୍ମା ବିକଳ ହେଉଅଛୁ ।

ବାସନ୍ତୀ—ସଜଳ ମେଘ ଗର୍ଜ୍ଜନ ପରି ଏ କଣ୍ଠସ୍ୱର କାହାର ଶୁଣା ଯାଉଚି ? ରାମଚନ୍ଦ୍ର ଏହି ବନରେ ଅଛନ୍ତି କି ? ଯାଉଚି, ତାହାଙ୍କୁ ଅଭ୍ୟର୍ଥନା କରିବ । (ପ୍ରସ୍ଥାନ) (ବିଷ୍କମ୍ଭକ ।)

୧ ମ ଦୃଶ୍ୟ—କଦଳୀବନ ନିକଟରେ ରାମଚନ୍ଦ୍ର ।

ରାମ—(ସକରୁଣେ) ଅହା ! ଏ ସେହି କଦଳୀବନ ମଧ୍ୟରେ ଥିବା ପଥରଖଣ୍ଡି, ଆମ୍ଭେ ଏହିଠାରେ ସୀତାଦେବୀଙ୍କ ସହ ଶୟନ କରୁଥିଲୁଁ, ଦେବୀ ଏହିଠାରେ ହରିଣମାନଙ୍କୁ କୋମଳ ଘାସ ଖାଇବାକୁ ଦେଉଥିଲେ ବୋଲି, ହରିଣମାନେ ଆଜଯାଏ ଏ ସ୍ଥାନ ଛାଡ଼ୁ ନାହାନ୍ତି ।

ନେପଥ୍ୟେ—ଅହେ ମଧୁସ୍ରାବୀ ବୃକ୍ଷମାନେ ! ଦେବ ରଘୁନନ୍ଦନ ଆଜ ପୁନର୍ବାର ଏ ବନକୁ ଆସିଅଛନ୍ତି, ସୁସ୍ୱାଦୁ ଫଳମୂଳ ଦେଇ ଏହାଙ୍କୁ ପୂଜା କର । ଅହେ ବନବାତମାନେ ! ପୁଷ୍ପମକରନ୍ଦ ଆଉ ନଦୀତରଙ୍ଗୋତ୍ଥିତ ଜଳକଣାମାନ ଗ୍ରହଣ କରି ଏହାଙ୍କୁ ପଙ୍ଖା କର । ଅହେ ଗାନକାରୀ ବନପକ୍ଷିମାନେ ! ଦେବଙ୍କ ନିକଟରେ ସୁମଧୁର ସ୍ୱରରେ ଗାନ କର ।

ରାମ—ଏ ସ୍ୱର ତ ଆମ୍ଭ ପ୍ରାଣପ୍ରିୟା ଜାନକୀଙ୍କ ପ୍ରିୟସଖୀ ବାସନ୍ତୀଙ୍କ ସ୍ୱର ପରି ଶୁଣା ଯାଉଛି ।

ବାସନ୍ତୀ—(ପ୍ରବେଶ ହୋଇ) ରାମଚନ୍ଦ୍ରଙ୍କର ଜୟ ହେଉ ।

ରାମ—ଭଦ୍ରେ ବାସନ୍ତି ! ଆସ ଆସ ।

ବାସନ୍ତୀ—ଆପଣଙ୍କର ସବୁ କୁଶଳ ତ ? କୁମାର ଲକ୍ଷ୍ମଣ ଭଲ ଅଛି ?

ରାମ—(ସକରୁଣେ) ହିଁ ଭଲ ଅଛି ।

ବାସନ୍ତୀ—ହାଇ ହେ ରଘୁନନ୍ଦନ ! ତୁମ୍ଭେ କେଡ଼େ ନିର୍ଦ୍ଦୟ ! ତୁମ୍ଭେ ଆମ୍ଭର ପ୍ରାଣ, ତୁମ୍ଭେ ଆମ୍ଭର ଦ୍ୱିତୀୟ ଜୀବନ, ତୁମ୍ଭଙ୍କୁ ଦେଖିଲେ ଆମ୍ଭ ମନ ଅତ୍ୟନ୍ତ ଆନନ୍ଦିତ ହୁଏ, ଏପରି କେତେ କେତେ ମିଷ୍ଟ କଥାମାନ କହି ଆମ୍ଭ ସରଳହୃଦୟା ପ୍ରିୟ-ସଖୀଙ୍କୁ ଆନନ୍ଦିତ କରୁଥିଲ, ଏବେ କିପରି ତାହାଙ୍କୁ ହିଂସ୍ର-ଜନ୍ତୁପୂର୍ଣ୍ଣ ମହାରଣ୍ୟରେ ଛାଡ଼ି ଦେଲ ?

ରାମ—ଦେବ ! ସେ କଥା ଆଉ କହିଲେ କଅଣ ହେବ ?

ବାସନ୍ତୀ—ଦେବ ! କେଡ଼େ ଅକାର୍ଯ୍ୟଟିଏ କରି ପକାଇଲ ! କେପରି ପାରିଲ ?

ରାମ—(ସକରୁଣେ) ଅମ୍ଭ ପ୍ରଜାମାନେ ତାହାଙ୍କର ଦୁର୍ନାମ କରିବାରୁ ଅଯଶ ଭୟରେ ଛାଡ଼ି ଦେଇ ଏବେ ଏତେ କଷ୍ଟ ଭୋଗୁ ଅଛୁଁ ।

ବାସନ୍ତୀ—ଏବେ ଏହା କରି ଗୋଟିଏ ଯଶ ଲାଭ କଲ ପଶ୍ଚ ? ଅକାରଣରେ ପୂର୍ଣ୍ଣଗର୍ଭା ନିଜ ଗୃହିଣୀଙ୍କୁ ଏକୁଟିଆ ଘୋର ବନରେ ଛାଡ଼ି ଦେଇ ଆସିବା କି ଅଯଶ ନୁହେ ? କଣ୍ଟର କେଲ, ମୃଗଜନ୍ତୁର ସେ ଘୋର ବନରେ କି ଦୁର୍ଗତି ହୋଇ ଥିବ ।

ରାମ—(ସକରୁଣେ) ପ୍ରିୟା ଗର୍ଭଭାରରେ ଅସମର୍ଥା ଥିବାରୁ କେଉଁ ଆଡ଼େ ପଳାଇ ଯାଇ ପାରି ନ ଥିବେ, ଭୟଚକିତ ପିଲା ହରିଣୀ ପରି ଭୟରେ ଏଣିକି ତେଣିକି ଚାହୁଁ ଚାହୁଁ ତାହାଙ୍କ ମୃଣାଳ-କୋମଳ ଦେହଟିକୁ କେଉଁ ହିଂସ୍ରଜନ୍ତୁମାନେ ଖାଇ ଯାଇ-ଥିବେ । ହା ! ପ୍ରିୟେ ଜାନକି ! ତୁମ୍ଭର କି ଏହି ପରିଣାମ ହେଲା ? (କାନ୍ଦିବା)

ବାସନ୍ତୀ—ଦେବ ! ଆଉ କାନ୍ଦିଲେ କଅଣ ହେବ ? ଧୈର୍ଯ୍ୟ ଧର ।

ରାମ—ବାସନ୍ତି ! ମୁଁ କଣ ଧୈର୍ଯ୍ୟ ଧରି ନାହିଁ ? ପ୍ରିୟାଙ୍କୁ ଛାଡ଼ିବାର ଏତେ କାଳ ହୋଇଗଲା ତାଙ୍କ ନାମ ଲୁଚି ଗଲାଣି, ତେବେ ହେଲେ କଅଣ ମୁଁ ଭୁଲି ନାହିଁ ?

ବାସନ୍ତୀ—ହଁ, ଧୈର୍ଯ୍ୟ ଧରି ନାହିଁ କଅଣ ? ହାତରେ ତ ଦେଖୁଅଛ, ଆଉ କାନ୍ଦିଲେ କଅଣ ହେବ ?

ରାମ—(ସଙ୍କୋଚରେ) କଷଦନ୍ତ ଓ ଅଗ୍ନି ଶସ୍ତ୍ର ଦେହରେ ଭୁଷି ଦିଆ ପରି ସହୁଥିଲେ ଯେ ଶୋକଶଲ୍ୟ ମୋ ହୃଦୟର ମର୍ମ ସ୍ଥାନକୁ ଚାଲୁ-ଅଛି, ତାହା କି ମୁଁ ସହୁ ନାହିଁ ?

ବାସନ୍ତୀ—ହଁ, ସତ୍ୟ ନାହିଁ କଥଣ, ମନକୁ ଦମ୍ କର ।

ରାମ- ବାସନ୍ତି ! ମୁଁ ଯେତେ ମନକୁ ଦମ୍ କରିବାକୁ ଚେଷ୍ଟା କରୁଛି ମୋ ମନ ଦମ୍ ହେଉ ନାହିଁ । ଜଳପ୍ରବାହ ବାଲିବନ୍ଧ ଭାଙ୍ଗି ବାହାରିଲା ପରି କେଉଁଆଡୁ ବାହାରି, ମୋହର ସକଳ ଯତ୍ନ ବୃଥା କରି ମତେ ସବୁବେଳେ ବ୍ୟାକୁଳ କରୁଛି । ଦେବ ! ମତେ କି ଦଣ୍ଡ ପଡିଲା ? ସୁଗ୍ରୀବଙ୍କ ମିତ୍ରତା, ଜାମ୍ବବାନଙ୍କ ବୁଦ୍ଧିକୌଶଳ; ମର୍କଟମାନଙ୍କ ପରାକ୍ରମ, ଆଉ ହନୁମାନଙ୍କ ସମୁଦ୍ରତରଣ ସବୁ ବୃଥା ହୋଇଗଲା !

ବାସନ୍ତୀ—ଦେବ ! ପୂର୍ବେ ଜାନକୀଙ୍କ ସହ ଏ ସ୍ଥଳରେ ବାସ କରି-ଥିଲ ବୋଲି ଏ ପୂର୍ବପରିଚିତ ସ୍ଥାନମାନ ଦେଖି ତୁମ୍ଭ ମନ ବ୍ୟାକୁଳ ହେଉଛି । ଆସ ଏଠାରୁ ବାହାରି ଯିବା ।

ରାମ—(ସକରୁଣେ) ହଉ ଚାଲ । (ଯାଇ ଯାଇ) ଦେବ ! ପୂର୍ବେ ଜାନକୀଙ୍କୁ ପାଇବାର ଆଶା ଥିବାରୁ ସେତୁବନ୍ଧନ ପ୍ରଭୃତି ଦୁଷ୍କ ଅନୁଷ୍ଠାନରେ ରତ ଥାଇ ରାବଣ କୁମ୍ଭକର୍ଣ୍ଣ ପ୍ରଭୃତି ରାକ୍ଷସ-ମାନଙ୍କର ବିନାଶ କାଳ ପର୍ଯ୍ୟନ୍ତ ପ୍ରିୟାଙ୍କ ବିରହ କଷ୍ଟକର ସହ ହୋଇ ଯାଇଥିଲା, ଏବେ ପ୍ରିୟାଙ୍କୁ ପାଇବାର କୌଣସି ଆଶା ନାହିଁ, କିପରି ମୁଁ ତାହାଙ୍କର ଚିର ବିରହ ସହ-ଇହବ ?

ବାସନ୍ତୀ—ଆଉ କଥଣ କରିବ ? ସହିବାକୁ ପଡ଼ିବ ।

ରାମ—ଦେବ ! ଆସ ଅଗସ୍ତ୍ୟଙ୍କ ଆଶ୍ରମକୁ ଯିବା, ଲୋପାମୁଦ୍ରା ମତେ ଡାହିଁକି ଡକାଇଥିଛନ୍ତି ।

ବାସନ୍ତୀ—ହଉ, ଆସିବା ତୁଅରୁ । (ଉଭୟଙ୍କର ପ୍ରସ୍ଥାନ)

ଇତି ଦ୍ୱିତୀୟ ଅଙ୍କ ।

—✲✲—

ତୃତୀୟ ଅଙ୍କ ।

ବାଲ୍ମୀକିଙ୍କ ତପୋବନ ।

ଏକପଟରୁ ଦଣ୍ଡାୟନ, ଅନ୍ୟ ପଟରୁ ସୌଧାତକି
ରଙ୍ଗଭୂମିରେ ଉପସ୍ଥିତ ହେବା ।

ସୌଧାତକି—ହଇ ହେ ଦଣ୍ଡାୟନ ! ଆଜ କାହିଁକି ଗୁରୁ ମହାଶୟ ଆମ୍ଭମାନଙ୍କୁ ଅନଧ୍ୟୟନ ଦନ ଦେଲେ ?

ଦଣ୍ଡାୟନ—ଅହେ ! ଶିଷ୍ଟ ଅତିଥିମାନେ ଆସିଥିବାରୁ ଗୁରୁ ମହାଶୟ ଆମ୍ଭମାନଙ୍କୁ ଅନଧ୍ୟୟନ ଦନ ଦେଇଅଛନ୍ତି ।

ସୌଧାତକି—ଆଜ ତ ଗୁରୁ ମହାଶୟ ସେମାନଙ୍କ ପାଇଁ ଭୋଜନର ଭଲ ଆୟୋଜନ କରିଅଛନ୍ତି । ଆଗେ କେହି ଅତିଥି ଆସିଲେ ନୂଆ ହୋଇ ପ୍ରସବ କରିଥିବା ହରିଣୀମାନେ ବାଲୁଙ୍ଗାଧାନ ଚାଉଳର ଉଷୁମ ପେଜ ଟିକିଏ ଟିକିଏ ଖାଇବାକୁ ପାଉଥିଲେ, ଆଜ ହରିଣମାନେ ସୁଦ୍ଧା ସେମାନଙ୍କ ପ୍ରିୟ ହରିଣୀମାନେ ଖାଇ ଛାଡ଼ି ଯାଇଥିବା ମଣ୍ଡରେ ତୃପ୍ତ ହେଉଅଛନ୍ତି । ବରଢୋଳପକା ଶାଗ ବାସନାରେ ଆଉ ଅଦାଘିଅପକା ଖେଚଡ଼ି ବାସନାରେ ଆଶ୍ରମଯାକ ଚହଟୁଅଛି ।

ଦଣ୍ଡାୟନ—ଅହେ ! ଏମାନେ ନାଗରିକ ଅତିଥି, ସେ ହେତୁରୁ ଗୁରୁ ମହାଶୟ ଏମାନଙ୍କୁ ନାଗରିକ ଉପଭୋଗରେ ଅତିଥ୍ୟ କରିବେ ବୋଲି ଏ ସବୁ ଆୟୋଜନ କରିଅଛନ୍ତି ।

ସୌଧାତକି—ଏମାନେ କିଏ ? ମୁଁ ଅରୁନ୍ଧତୀ ବଶିଷ୍ଠଙ୍କୁ ଜାଣେ, ସେ ଦୁହେଁ ଅନେକ ଥର ଏଠାକୁ ଆସିବାର ମୁଁ ଦେଖିଛି, ଅନ୍ୟମାନଙ୍କୁ ଚିହ୍ନେ ନାହିଁ, ଏମାନେ ଏଠାକୁ କାହିଁକି ଆସିଅଛନ୍ତି ?

ଦଣ୍ଡାୟନ—ଅହେ ! ଏମାନେ ଅଯୋଧ୍ୟା ମହାରାଜ ରାମଚନ୍ଦ୍ରଙ୍କ ମାତୃ-

ବର୍ଷ, ଯାଗ ନିମନ୍ତ୍ରଣରେ ଋଷ୍ୟଶୃଙ୍ଗଙ୍କ ଆଶ୍ରମକୁ ଯାଇଥିଲେ, ଯାଗ ଶେଷ ହେବାରୁ ଏଠାକୁ ଆସିଅଛନ୍ତି ।

ସୌଧାତକୀ—ଆଜ ଯେଉଁ ପାଠଶାଳାଦାଢ଼ିଆ ଅତିଥି ଆସିଲେ ସେ କିଏ ?

ଭାଣ୍ଡାୟନ—ସେ ରାଜର୍ଷି ଜନକ, ମହାରାଜ ରାମଚନ୍ଦ୍ରଙ୍କ ଶ୍ୱଶୁର, ସୋମତୀର୍ଥରୁ ତପସ୍ୟା ସାରି ଏଠାକୁ ଆସିଅଛନ୍ତି ।

ସୌଧାତକୀ—ସେ ଆମ୍ଭ ଗୁରୁ ବାଲ୍ମୀକିଙ୍କ ସଙ୍ଗେ କଥଣ କଥାବାର୍ତ୍ତା ହୋଇ ଆଶ୍ରମ ବାହାରେ ବୃକ୍ଷମୂଳେ ଯାଇ କାହିଁକି ଠିଆ ହୋଇଅଛନ୍ତି ?

ଭାଣ୍ଡାୟନ—ସେଠାରେ ସେ ତାଙ୍କ ସମ୍ବନ୍ଧିଣୀଙ୍କ ସଙ୍ଗେ କଥଣ କଥାବାର୍ତ୍ତା ହେବେ, କାହିଁକି ନା ଏହିକ୍ଷଣି ଅରୁନ୍ଧତୀଙ୍କୁ ବଶିଷ୍ଠ ଦେବ କହିଥିଲେ, ତୁମ୍ଭେ ରାମଚନ୍ଦ୍ରଙ୍କ ମାତା କୌଶଲ୍ୟା ଦେବୀଙ୍କୁ ସଙ୍ଗରେ ନେଇ ରାଜର୍ଷି ଜନକଙ୍କ ସଙ୍ଗେ ସାକ୍ଷାତ୍ କରାଇ ଦେବ ।

ସୌଧାତକୀ—ଆମ୍ଭ ଲବ କୁଶ ପ୍ରଭୃତି ପଢ଼ୁଆ ସଙ୍ଗିମାନେ କୁଆଡ଼େ ଗଲେ ?

ଭାଣ୍ଡାୟନ—ସେମାନେ ସମସ୍ତେ ନଦୀକୂଳକୁ ଖେଳିବାକୁ ବାହାରି ଗଲେଣି, ଆସ ଆମ୍ଭେମାନେ ଯିବା, ଅନଧ୍ୟାୟ ମହୋତ୍ସବ ଭୋଗ କରିବା ।

ସୌଧାତକୀ—ହଉ, ଚାଲ । (ଉଭୟଙ୍କର ପ୍ରସ୍ଥାନ) ବିଷ୍କମ୍ଭକ ।

ଆଶ୍ରମ ବାହାରେ ବୃକ୍ଷମୂଳେ ଜନକ ।

ଜନକ—ଆହା ! ଆମ୍ଭ କନ୍ୟାର କି ଦୁର୍ଗତି ହେଲା ! ତାହାର ସେ ଦୁର୍ଗତି କଷ୍ଟ ଚିନ୍ତା କରି କରି ଆମ୍ଭ ଦେହ ସାରସ୍ଥାନ ଅତି ନିସ୍ତେଜ ହୋଇଅଛି, କିନ୍ତୁ ବିନଷ୍ଟ ହେଉ ନାହିଁ, ତାହାର ଦୁର୍ଗତି ଆଜିକି ଦଶ ହୋଇ ଗଲାଣି, ତେବେ ହେଁ ନ

ନୂତନ ଶାଶୁଣୀ ପରି ମତେ ସବୁବେଳେ ବ୍ୟାକୁଳ କରୁଅଛ । ଯେତେ ନିବର୍ତ୍ତାଇଲେ ନିବୃତ୍ତ ନାହିଁ । ହା, ହା ପୁତ୍ରି ! ତୋହର ଅକଥ ଦୁଃଖ ଭୋଗ କରି କରି ଗଲୁ !

ନେପଥ୍ୟ—ମହାଦେବ ! ଏଣେ ଆସନ୍ତୁ ।

ଜନକ—(ସ୍ୱଗତ) ଅରୁନ୍ଧତୀ ଦେବୀ ଦଶରଥଙ୍କ ଧର୍ମପତ୍ନୀ କୌଶଲ୍ୟା ଦେବୀଙ୍କୁ ସଙ୍ଗରେ ଘେନି ଏଣିକି ଆସୁଅଛନ୍ତି ! ଅହୋ ! ଦେବୀ କିପରି ଶ୍ରୀହୀନା ଦେଖା ଯାଉଅଛନ୍ତି ? କି ଏ ବିଶ୍ୱାସ କରିବ ସେହି ଏ ଦଶରଥଙ୍କ ଧର୍ମପତ୍ନୀ କୌଶଲ୍ୟା ଦେବୀ ବୋଲି ? ଏ ଅମ୍ଭରି ପରି ଚିନ୍ତା କରି କରି ଏପରି ଶୀର୍ଣ୍ଣକାୟ ହୋଇଅଛନ୍ତି, ପୂର୍ବେ ଏହାଙ୍କୁ ଦେଖିଲେ ଅମ୍ଭ ମନ କି ଅଦ୍ଭୁତ ଆନନ୍ଦରସରେ ପୂର୍ଣ୍ଣ ହୋଇ ଯାଉଥିଲା ! ଏବେ ଏହାଙ୍କ ଦର୍ଶନ କଟା ଘାରେ ଲୁଣ ଦେଲା ପରି ଅସହ୍ୟ ବୋଧ ହେଉଅଛି !

ଅରୁନ୍ଧତୀ, କୌଶଲ୍ୟା ଓ କଞ୍ଚୁକୀର ପ୍ରବେଶ ।

ଅରୁନ୍ଧତୀ—ତୁମ୍ଭେ ନିଜେ ଯାଇ ଜନକଙ୍କ ସଙ୍ଗେ ସାକ୍ଷାତ୍ କରିବ ବୋଲି ଯସ ଗୁରୁ ଆଜ୍ଞା କରିଅଛନ୍ତି ? ତେବେ ବୃଥା କାହିଁକି ତାହାଙ୍କ ନିକଟକୁ ଯିବାକୁ ପଦେ ପଦେ ଆପତ୍ତି କରୁଛ ?

କଞ୍ଚୁକୀ—ଦେବି ! ଅଗ୍ରକୁ ସ୍ଥିର କରନ୍ତୁ, ଗୁରୁଙ୍କ ଆଜ୍ଞା ପ୍ରତିପାଳନ କରନ୍ତୁ ।

କୌଶଲ୍ୟା—(ସଲେତରେ) ମୁଁ କଥି ଜାଣିଙ୍କୁ ହସାଉଅଛି, ମିଥିଳାଧିପତିଙ୍କୁ ଦେଖିଲାକ୍ଷଣି ଅଧିକ ଶୋକ ଜାତ ହେବ, ମୁଁ ମନ ଦମ୍ଭ କରି ରହି ପାରିବ ନାହିଁ ।

ଅରୁନ୍ଧତୀ—ହଁ, ବନ୍ଧୁଜନ-ବିରହ-ଦୁଃଖ କୌଣସି ପ୍ରିୟ ଲୋକଙ୍କୁ ଦେଖିଲେ ସହସ୍ର ମୁଖରେ ଉଚ୍ଛୁଳି ପଡ଼େ, ସମ୍ଭାଳ ହୁଏ ନାହିଁ ।

ଜନକ—(ନିକଟକୁ ଯାଇ) ଦେବି ! ଅରୁନ୍ଧତି ! ପ୍ରଣାମ ।

Acc. no. 1890. dt: 19-12-57

ଅରୁନ୍ଧତୀ—ତେଜୋମୟ ପରଂବ୍ରହ୍ମ ତୁମ୍ଭ ହୃଦୟରେ ଅବରୁଦ୍ଧ ହୁଅନ୍ତୁ ।

ଜନକ—କଞ୍ଚୁକ ! ପ୍ରଜାବତ୍ସଳ ରାଜମାତାଙ୍କର ସବୁ କୁଶଳ ଅଛି ତ ?

କଞ୍ଚୁକୀ—(ମନେ ମନେ) ରାମଚନ୍ଦ୍ର ପ୍ରଜାମାନଙ୍କ କଥାରେ ଏହାଙ୍କ କନ୍ୟାଙ୍କୁ ବନରେ ଛାଡ଼ି ଦେଇଥିବାରୁ ଏ ଏପରି ପ୍ରଜାବତ୍ସଳ ରାଜମାତା ବୋଲି ସମ୍ବୋଧନ କରୁଅଛନ୍ତି । (ପ୍ରକାଶ୍ୟେ) ରାଜର୍ଷେ ! ସେହି ହେତୁରୁ ଦେବୀ ରାମଚନ୍ଦ୍ରଙ୍କ ମୁଖକମଳ-ଦର୍ଶନ ପରିହାର କରି ଅଯୋଧ୍ୟାକୁ ନ ଯାଇ ଏଠାରେ ଦୁଃଖରେ କାଳଯାପନ କରିବେ ବୋଲି ଏଠାକୁ ଆସିଅଛନ୍ତି । ଆପଣ ଏହାଙ୍କୁ ଏପରି ସମ୍ବୋଧନ କରି ଅଧିକ ଦୁଃଖିତ କରାଇବା ଭଲ ହୋଇ ନାହିଁ । ରାମଚନ୍ଦ୍ରଙ୍କର ତ ଏକ ଦୁର୍ବୁଦ୍ଧି ଉପସ୍ଥିତ ହେଲା, ସେ ନୀଚାଶୟ ଲୋକମାନଙ୍କଠାରୁ ଦେବୀଙ୍କର ନିନ୍ଦାପବାଦ ଶୁଣି ଅଗ୍ନିବିଶୁଦ୍ଧିକୁ ଗଣନା ନ କରି ଏ ଅବସ୍ଥା କରି ପକାଇଅଛନ୍ତି । କଅଣ କରାଯିବ ?

କୌଶଲ୍ୟା—ହା ବତ୍ସ ଜାନକି ! (ପତନ ମୋହ)

ଜନକ—ଆହା ହା ! ଏ ଏପରି କାହିଁକି ହେଲେ ? (କମଣ୍ଡଳୁ ଜଳ ସେଚନ କରିବା)

ଅରୁନ୍ଧତୀ—ଜାନକୀ ନିର୍ବାସିତା ହେବା ସମ୍ବାଦ ଶୁଣିଲା ଦିନୁଁ ଏ ସମୟେ ସମୟେ ଏହିପରି ହେଉଅଛନ୍ତି ।

କଞ୍ଚୁକୀ—(ବସିଯାଇ) ଦେବି ! ଶାନ୍ତ ହୁଅନ୍ତୁ, ଶାନ୍ତ ହୁଅନ୍ତୁ । ଆହା ! ପ୍ରିୟଲୋକ ପରି ଦୈବ ଏହାଙ୍କୁ କେତେ ସୁଖ ଦେଇଥିଲା ! ପୁଣି ଶତ୍ରୁ ପରି କେତେ ଦୁଃଖ ଦେଲା ! (ଉଠାଇବା)

ନେପଥ୍ୟେ—(ଗୋଳମାଳ)

ଜନକ—(ନେପଥ୍ୟ ଆଡ଼କୁ ଚାହିଁ) ଏପରି ଗୋଳମାଳ କାହିଁକି ଶୁଣା ଯାଉଅଛି ?

ଅରୁନ୍ଧତୀ—ଶିଷ୍ୟ ଅଧ୍ୟୟନମାନେ ଆସି ଥିବାରୁ ଅନଧ୍ୟୟନ ବନ୍ଦ ଦିଅ ହୋଇଅଛି, ବୋଧ ହୁଏ ପଢ଼ୁଆ ପିଲ୍ଲମାନେ ଖେଳ ଖେଳ ଏ ଗୋଳମାଳ କରୁଅଛନ୍ତି ।

ଜନକ—ଦେବି ! ଏମାନଙ୍କ ମଧ୍ୟରେ ଏ ପିଲାଃ କିଏ ? ଏ ତ ଋଷିପିଲ୍ଲା ପରି ଦେଖା ଯାଉ ନାହିଁ, ରାମଚନ୍ଦ୍ର ମାସ୍କରେ ଆମ୍ଭମାନଙ୍କୁ ଖୁସି କରିବେ ବୋଲି ପୁଣି ଶିଶୁ ହୋଇ ଏ ପିଲ୍ଲମାନଙ୍କ ସଙ୍ଗେ ଆସି ଖେଳା କରୁଅଛନ୍ତି କି ?

କୌଶଲ୍ୟା—(ସ୍ୱଗତ) ଏତ ଠିକ୍ ମୋ ରାମ ପରି ଦିଶୁଛି, ଏହାର ଅଙ୍ଗ ପ୍ରତ୍ୟଙ୍ଗମାନ ଠିକ୍ ମୋ ରାମର ଅଙ୍ଗ ପ୍ରତ୍ୟଙ୍ଗ ପରି ଦେଖା ଯାଉଛି, ଏହାକୁ ଦେଖି ମୋ ମନରେ ତ କାହିଁକି ଆନନ୍ଦ ଜାତ ହେଉଛି ?

କଞ୍ଚୁକୀ—ବୋଧହୁଏ ଏ ପିଲାଃ କ୍ଷତ୍ରିୟ ବ୍ରହ୍ମଚାରୀ ହେବ ।

ଜନକ—ନିଶ୍ଚୟ, ଦେଖୁ ନାହିଁ ହାତରେ ଧନୁଶର ଧରିଛି । କଞ୍ଚୁକି ! ତୁମ୍ଭେ ଯାଇ ବାଲ୍ମୀକିଙ୍କୁ ପଚାରି ଆସିବ, ଏ ପିଲାଃ କିଏ ?

କଞ୍ଚୁକୀ—ଯେ ଆଜ୍ଞା । (ଯିବା)

ଅରୁନ୍ଧତୀ—କଞ୍ଚୁକି ! ତୁମ୍ଭେ ଏ ପିଲାଃକୁ ଏଠାକୁ ଆସିବାକୁ କହି ଦେଇ ଯିବ ।

କଞ୍ଚୁକୀ—ଯେ ଆଜ୍ଞା । (ପ୍ରସ୍ଥାନ)

କୌଶଲ୍ୟା—ସେ ତ ପିଲ୍ଲମାନଙ୍କ ସଙ୍ଗେ ଖେଳରେ ମାତିଛି, ଡାକ ଦେଲେ କଅଣ ସେ ଖେଳ ଛାଡ଼ି ଆସିବ ?

ଅରୁନ୍ଧତୀ—ନିଶ୍ଚୟ ଆସିବ, ତା ଆକୃତିରୁ ବୋଧ ହେଉଛି ଯେ କଦାଚ ଗୁରୁଜନମାନଙ୍କ ଆଜ୍ଞା ଅବଜ୍ଞା କରିବ ନାହିଁ ।

କୌଶଲ୍ୟା—ସତେ ଗୋ ! କଞ୍ଚୁକୀ ଡାକ ଦେଲାକ୍ଷଣି ସେ ଖେଳ ଛାଡ଼ି ଏଣିକି ଆସୁଛି ଗୋ ।

ଜନକ—ଦେବି ! ଏ ପିଲାଙ୍କଠାରେ ମହାପୁରୁଷ ଲକ୍ଷଣ ସ୍ପଷ୍ଟ ପରି ବୋଧ ହେଉଛି ।

ଲବ—(ଉପସ୍ଥିତ ହୋଇ ମନେ ମନେ) ଏମାନେ ସମସ୍ତେ ମୋହର ପୂଜ୍ୟ ହେଲେ କିଅଣ ହେଲା, ଏମାନେ କିଏ ଜାଣେ ନାହିଁ, କାହାକୁ ଆଗେ ପ୍ରଣାମ କରିବି ? ହଁ, ବୃଦ୍ଧମାନଙ୍କଠାରୁ ଗୁଣିତ ସମୂହରେ ଏକ ପ୍ରଣାମ କରିବା କଥା । (ପ୍ରକାଶ୍ୟ) ଆପଣମାନଙ୍କୁ ପ୍ରଣାମ ।

ଅରୁନ୍ଧତୀ—ବାବୁ ! ଚିରଞ୍ଜୀବୀ ହୋଇଥା ।

ଜନକ—ଚିରଂଜୀବୀ ହଅ ।

କୌଶଲ୍ୟା—ବାବୁ, ବୁଢ଼ା ହୋଇଥା, ମୋ କୋଳକୁ ଆ । (କୋଳରେ ଧରି) ମହର୍ଷେ ! ଦେଖିଲ, ଏ ଠିକ୍ ମୋ ରାମ ପରି ଦିଶୁ ନାହିଁ ? ତୋ ମୁହଁକୁ ଟିକିଏ ଦେଖାଇଲୁ ବାବୁ ! (ଓଠ ଧରି ମୁହଁକୁ ଟେକି) କଲ କଲ ଜନରଖି ଚାହିଁଲେ ଠିକ୍ ଜାନକୀର ମୁହଁ ପରି ଦିଶି ଯାଉ ନାହିଁ ?

ଜନକ—ପ୍ରକୃତରେ ଆମ୍ଭ ଜନସ୍ଥାନ ଆଉ ରଘୁନନ୍ଦନଙ୍କର ସେହି ଆକୃତି ସେହି କାନ୍ତି ଏ ବାଳକଠାରେ ସମ୍ପୂର୍ଣ୍ଣରୂପେ ପ୍ରତିବିମ୍ବିତ ହୋଇଅଛି । ସେହିପରି ଆକୃତି, ସେହିପରି ବଚନ, ସେହିପରି ମଧ୍ୟ ପଦକ୍ଷେପ ସ୍ୱଭାବ ଏ ବାଳକଠାରେ ଲକ୍ଷିତ ହେଉଅଛି । ଏ ଆମ୍ଭ ଜାତ ହେବ କି ? (ସାଶ୍ରୁ) ହା ଦେବି ! ମୋ ମନକୁ ଅନ୍ୟ ବାଟେ କାହିଁକି ନେଉଛୁ ?

କୌଶଲ୍ୟା—ବାବୁ ! ତୋହର ବାପ ମା କିଏ ?

ଲବ—ମୁଁ ଜାଣେ ନାହିଁ, ମୁଁ ବାଲ୍ମୀକିଙ୍କ ଶିଷ୍ୟ ।

ନେପଥ୍ୟେ—ଅହୋ ସୈନିକମାନେ ! କୁମାର ଚନ୍ଦ୍ରକେତୁ ଆଜ୍ଞା କରୁଅଛନ୍ତି, କେହି ଆଶ୍ରମ ନିକଟ ବନକୁ ଆକ୍ରମଣ କରିବ ନାହିଁ ।

ଅରୁନ୍ଧତୀ—ଅରେ ! ଚନ୍ଦ୍ରକେତୁ ତ ତାହାଙ୍କ ଏ ବଳକୁ ଆସିଅଛି, ଯାହାହେଉ ତାହାକୁ ଅମ୍ଭେମାନେ ଏଠାରେ ଦେଖିବା ।

ଲବ—ଆର୍ଯ୍ୟେ ! ଏ ଚନ୍ଦ୍ରକେତୁ କିଏ ?

ଅରୁନ୍ଧତୀ—ମୋ କୋଳକୁ ଆ, (କୋଳରେ ଧରି) ତୁ ଦଶରଥଙ୍କ ପୁତ୍ର ରାମ ଲକ୍ଷ୍ମଣଙ୍କୁ ଜାଣୁ ?

ଲବ—ତାହାଙ୍କୁ ନ ଜାଣିବି ? ଏମାନେ ତ ରାମାୟଣ କଥା ପୁରୁଷ ।

ଅରୁନ୍ଧତୀ—ସେହି ଲକ୍ଷ୍ମଣ ପୁତ୍ର ଚନ୍ଦ୍ରକେତୁ ଏ ।

ଲବ—ଊର୍ମିଳାଙ୍କ ପୁତ୍ର ? ରାଜର୍ଷି ଜନକଙ୍କ ନାତି ?

ଅରୁନ୍ଧତୀ—ବତ୍ସ ତ ସବୁ ଜାଣେ । ତୁ ଏହା କିପରି ଜାଣିଲୁ ?

ଲବ—ମୁଁ ରାମାୟଣରେ ପଢ଼ିଛି ।

ଅରୁନ୍ଧତୀ—ତୁ ଯେବେ ରାମାୟଣ କଥାରେ ଏତେ ପ୍ରବୀଣ, ତେବେ କହିଲୁ ରାମଚନ୍ଦ୍ରଙ୍କର କି କି ନାମରେ କେତେଗୋଟି ପୁତ୍ର ?

ଲବ—ମୁଁ ସେତେ ଦୂର ଯାଏ ପଢ଼ି ନାହିଁ । ଅମ୍ଭ ଭାଇ ଆର୍ଯ୍ୟ କୁଶ ମୋଠୁଁ ବେଶୀ ପଢ଼ିଅଛନ୍ତି, ତାଙ୍କୁ ପଚାରିଲେ ସେ କହି ପାରନ୍ତି ।

ଅରୁନ୍ଧତୀ—ତୋହର ଆଉ ଗୋଟିଏ ଭାଇ ମଧ୍ୟ ଅଛି ?

ଲବ—ହଁ, ଆର୍ଯ୍ୟ କୁଶ ବୋଲି ଅମ୍ଭର ଗୋଟିଏ ଭାଇ ଅଛନ୍ତି ।

ଅରୁନ୍ଧତୀ—ସେ କଅଣ ତୋହର ବଡ଼ ଭାଇ କି ?

ଲବ—ହଁ, ପ୍ରସବକ୍ରମରେ ସେ ଅମ୍ଭ ବଡ଼ ଭାଇ ଅଟନ୍ତି ।

ଅରୁନ୍ଧତୀ—ତୁମେ ଦୁହେଁ କଅଣ ଯାଁଅଳା ?

ଲବ—ହଁ ।

ଜନକ—ତୁ ରାମାୟଣ ପ୍ରବନ୍ଧ କେତେ ଦୂର ଯାଏ ପଢ଼ିଛୁ ?

ଲବ—ମହାରାଜ ରାମଚନ୍ଦ୍ର ପୁରବାସିମାନଙ୍କଠାରୁ ସୀତା ଦେବୀଙ୍କର ମିଥ୍ୟାପବାଦ ଶୁଣି ଆସନ୍ନପ୍ରସବା ସୀତାଦେବୀଙ୍କୁ ମହାରଣ୍ୟରେ ଛାଡ଼ିଦେବା ଯାଏଁ ।

ଜନକ—ହା ବତ୍ସେ ! ଯେତେବେଳେ ମହାରଣ୍ୟରେ ତୋହର ନୂତନ ପ୍ରସବ ବେଦନା ଜାତ ହୋଇଥିବ, ଯେତେବେଳେ ତୋତେ ହିଂସ୍ରଜନ୍ତୁମାନେ ଖାଇବାକୁ ବେଢି ଯାଇଥିବେ, ସେତେବେଳେ ଶରଣ ଜମନ୍ତେ ମତେ ବାରମ୍ବାର କେତେ ସ୍ମରଣ କରିଥିବୁ ?

ଲବ—ଏ କିଏ ?

ଅରୁନ୍ଧତୀ—ଏ ସେହି ସୀତାଦେବୀଙ୍କ ପିତା ରାଜର୍ଷି ଜନକ ।

ଋଷିପିଲ୍ଲମାନେ—(ପ୍ରବେଶ ହୋଇ) ଲବ ! ଘୋଡ଼ା ବୋଲି ଯେଉଁ ପଶୁ ଜୀବଟି ଅମ୍ଭ ଏ ଆଶ୍ରମ ନିକଟ ବନକୁ ଆସିଥିଲା ବୋଲି ଶୁଣା ଯାଇଥିଲା, ସେ ଜୀବକୁ ଅମ୍ଭେ ଏହିକ୍ଷଣି ଦେଖିଲୁଁ ।

ଲବ—ସେ ଜୀବଟି କିପରି ?

ଋଷିପିଲେ—ତାହାର ପଛରେ ଗୋଟାଏ ଲାଙ୍ଗୁଳ ଅଛି, ତହିଁରେ ଗୁଡ଼ାଏ ବାଳ, ସେ ତାକୁ ସବୁବେଳେ ହଲାଉଛି, ବେକ ଲମ୍ବା, ଘାସ ଚରୁଛି, ଅଉ କଥା ଅମ୍ଭ ପର ଲଣ୍ଡି ହଗୁଛି, ଦେଖିବ ଯେବେ ବେଲଗି ଆସ; ସେ ବାହାରି ଯିବ ।

ଲବ—ଆର୍ଯ୍ୟେ ! ଏମାନେ ମତେ ଡାକୁଛନ୍ତି, ମୁଁ ଯାଉଛି, ସେ ପଶୁ ଜୀବଟିକି ଦେଖିବି ।

ଅରୁନ୍ଧତୀ—ଯାଅ ବାବୁ ମନର କୌତୂହଳ ଶାନ୍ତ କର ।

ଲବ—(ଋଷିପିଲ୍ଲଙ୍କ ସହ ପ୍ରସ୍ଥାନ)

କଞ୍ଚୁକୀ—(ପ୍ରବେଶ ହୋଇ) ଭଗବାନ୍ ବାଲ୍ମୀକି କହିଲେ, ସେ ପିଲ୍ଲଙ୍କୁ ପରେ ଜାଣି ପାରିବ ।

ଜନକ—ଦେବି ! ମନରେ ବଡ଼ କୌତୂହଳ ଜନ୍ମୁଛି, ଆସ ଯିବା ଅମ୍ଭେମାନେ ଛକେ ପଚାରିବା ।

ଅରୁନ୍ଧତୀ—ହଉ ଆସ । (ସମସ୍ତଙ୍କର ପ୍ରସ୍ଥାନ)

ଦ୍ୱିତୀୟ ଦୃଶ୍ୟ ।

ଘୋଟକ ଓ ଋଷିଶିଷ୍ୟମାନେ ।

ଋଷିପିଲେ—ଲବ ! ଦେଖ, ସେହି ଅଶ୍ୱପ୍ରାୟ ଜୀବଟି ଏ ।

ଲବ—ହଁ ଦେଖିଲି ଜାଣିଲି ମଧ୍ୟ ଏ ଅଶ୍ୱମେଧଯାଗର ଅଶ୍ୱ ।

ଋଷିପିଲେ—ତୁମେ କିପରି ଜାଣିଲ ?

ଲବ—ଧୂର୍, ମୂର୍ଖଗୁଡ଼ାକ ! ତୁମ୍ଭେମାନେ ପଢ଼ିଛ ମନେ ନାହିଁ ? ଚକ୍ରବର୍ତ୍ତୀ ରାଜାମାନେ ଅଶ୍ୱମେଧ ଯାଗ କରିବେ ବୋଲି ଯେଉଁ ଅଶ୍ୱକୁ ପୃଥିବୀରେ ବୁଲାଇ ଆଣିବା ନିମନ୍ତେ ପଠାଇ ଦିଅନ୍ତି, ତାକୁ ଲଗୁଡ଼ଧାରୀ, ଖଡ୍ଗଧାରୀ ଓ ଧନୁର୍ଦ୍ଧାରୀ ସେନାମାନେ ଜଗି ଯିବାର କଥା, ଏହି ଘୋଡ଼ାକୁ ସେହିପରି ପୁରୁଷମାନେ ଜଗିଅଛନ୍ତି, ତୁମ୍ଭମାନଙ୍କର ଯଦି ମୋ କଥାରେ ବିଶ୍ୱାସ ହେଉ ନାହିଁ ତେବେ ଆସ ଗୁରୁଙ୍କୁ ପଚାରି ଆସିବା ।

ନେପଥ୍ୟେ—ସପ୍ତଦ୍ୱୀପରେ ଏକମାତ୍ର ବୀର ରାବଣବଂଶଧ୍ୱଂସକାରୀ ମହାରାଜ ରାମଚନ୍ଦ୍ରଙ୍କର ଏ ଯଜ୍ଞାଶ୍ୱ, ଏ ଜୟପତାକା, ଏଦ୍ୱାରା ଘୋଷଣା କରା ଯାଉଅଛି, ପୃଥିବୀସ୍ଥ ସମସ୍ତ କ୍ଷତ୍ରିୟ ମହାରାଜାଙ୍କର ଅଧୀନ, ଯଦି କେହି ତାହାଙ୍କ ଅଧୀନତାକୁ ଅସ୍ୱୀକାର କର, ତେବେ ଏ ଅଶ୍ୱ ଓ ଜୟପତାକାକୁ ଗ୍ରହଣ କର ।

ଲବ—ପୃଥିବୀ କଅଣ ବୀରଶୂନ୍ୟ ହୋଇ ଗଲାକି ? ତୁମ୍ଭେମାନେ ଏପରି ଘୋଷଣା କରୁଛ ?

ନେପଥ୍ୟେ—ଅରେ ! ମହାରାଜ ରାମଚନ୍ଦ୍ରଙ୍କ ଆଗରେ ଏ ପୃଥିବୀରେ ବୀର କିଏ ଅଛି ?

ଲବ—ଧିକ୍ ପାମର ! ତୁମ୍ଭର ଯଦି ସେପରି ବୀର କିଏ ଅଛନ୍ତି ତ ଥାଉ; କ୍ଷତ୍ରିୟ ଜାତି ମାତ୍ରଙ୍କୁ ଅପମାନନା କରି କାହିଁକି ଘୋଷଣା କରୁଛ ? ତୁମ୍ଭେମାନେ ଅସ୍ତ୍ର ଧାରଣ କର ଯେଉଁ

ଅଇଲୁ ଜଗିଚ, ତାକୁ ଅମ୍ଭେ ନେଲୁଁ, କଅଣ କରୁଚ କର ।
ଅହେ ପିଲ୍ଲମାନେ! ତୁମ୍ଭେମାନେ ଏ ଘୋଡ଼ାକୁ ଠେଲା ପକାଇ ପକାଇ ଅଶ୍ରମକୁ ନେଇ ଯାଅ, ଏ କଥା ସେଠାରେ ମୁନିଗଣ-ମାନଙ୍କ ସଙ୍ଗେ ଚଳୁଥାଇ, ଏମାନେ ମନେ କଅଣ କରିବେ ଦେଖିବା ।

ଅଷ୍ଟ୍ୟାସ୍ତ ଜଣେ ପୁରୁଷ—(ପ୍ରକାଶ୍ୟ ହୋଇ) ଧିକ୍ ତପସ୍ୱୀ ପିଲ୍ଲା, କେତେ ଗ୍ଳାନି କରୁଚ, ତୁ ପିଲ୍ଲା ବୋଲି ସୈନିକମାନେ ତୋହର ଏ ଗର୍ବିତ ବଚନ ସହିବେ କି ?

ଋଷିପିଲେ—ଏ ଲୋକ ଉଦ୍ଧୁଳ ଅସ୍ତ୍ର ହଲାଇ ଅମ୍ଭମାନଙ୍କୁ ଧମକାଉଚି, ଅମର ଏ ଘୋଡ଼ା କଅଣ ହେବ ? ଆସ ହରଣ ଦଉଡ଼ିଲ୍ଲପରି ଏଠାରୁ ଅଶ୍ରମକୁ ପଳାଇ ଯିବା ।

ଲବ—ତୁମ୍ଭେମାନେ ଏ ଘୋଡ଼ାକୁ ଠେଲା ପକାଇ ପକାଇ ଅଶ୍ରମକୁ ନେଇ ଯାଅ, ଅମ୍ଭେ ଏଠାରେ ଅଛୁଁ । (ଶର ସନ୍ଧାନର ଅଭିନୟ) ଯବନିକା ପତନ ।

ଇତି ତୃତୀୟ ଅଙ୍କ ।

—*—

ଚତୁର୍ଥ ଅଙ୍କ ।

ନେପଥ୍ୟେ—ଅହେ ସୈନିକମାନେ ! କାହିଁକି ପଳାଉଚ, ଭୟ କର ନା, ଭୟ କର ନା, ଅମ୍ଭମାନଙ୍କ ସାହାଯ୍ୟ କରିବେ ବୋଲି କୁମାର ଚନ୍ଦ୍ରକେତୁ ସୁମନ୍ତ୍ର ସାରଥିଙ୍କ ସହିତ ଅସି ଉପସ୍ଥିତ ହେଲେଣି ।

ପ୍ରଥମ ଦୃଶ୍ୟ ।

ସୁମନ୍ତ୍ର ଚନ୍ଦ୍ରକେତୁ ।

ଚନ୍ଦ୍ରକେତୁ—ଅର୍ଯ୍ୟ ସୁମନ୍ତ୍ର ! ଅମ୍ଭର ହସ୍ତ୍ୟଶ୍ୱରଥ ଏବେ ସୈନ୍ୟ

ଅଛନ୍ତି, ଏ ଋଷିପିଲାଟି ଏକୁଟିଆ ଏମାନଙ୍କ ସଙ୍ଗେ ଯୁଦ୍ଧ କରି
ଏମାନଙ୍କୁ ହଟାଇ ଦେଉଛି । ବଡ଼ ଅଦ୍ଭୁତ !

ସୁମନ୍ତ୍ର—ହଇ କୁମାର, ତୁମ୍ଭର ପରି ପିଲାଟିଏ ଏ, ଏହାକୁ ଦେବ-
ଦାନବମାନଙ୍କ ଅପେକ୍ଷା ବେଶୀ ପରାକ୍ରମୀ ଦେଖି ଆମ୍ଭେ ବିସ୍ମିତ
ହେଉଅଛୁଁ ।

ଚନ୍ଦ୍ରକେତୁ—ଆର୍ଯ୍ୟ ସୁମନ୍ତ୍ର ! ଏ ପିଲାଟିକୁ ଦେଖି ଆମ୍ଭ ମନ କାହିଁକି
ସ୍ନେହରସରେ ଆର୍ଦ୍ର ହୋଇ ଯାଉଛି ? ଏହାଙ୍କର ବୀରପଣିଆ
ଦେଖି ହେଉ, ବା ଏହାଙ୍କୁ ଶୁଭ ସମୟରେ ଦେଖିବା ହେତୁରୁ
ହେଉ କିମ୍ବା ଏ ଆମ୍ଭର ପୂର୍ବଜନ୍ମରେ କେହି ଆତ୍ମୀୟ ଥିଲେ
ସେଥିପାଇଁ ବା ହେଉ, ଏହାଙ୍କୁ ଦେଖି ଆମ୍ଭ ମନରେ କାହିଁକି
ଆନନ୍ଦ ଜାତ ହେଉଛି । ଏହାଙ୍କ ସହିତ ଯୁଦ୍ଧ କରିବାକୁ ଜମା
ଇଚ୍ଛା ହେଉ ନାହିଁ ।

ସୁମନ୍ତ୍ର—ବତ୍ସ ! ପ୍ରାଣିମାନଙ୍କର ପ୍ରଥମ ସାକ୍ଷାତରେ କାହାର କାହାଠାରେ
ଉପର ଏକପ୍ରକାର ସ୍ନେହ ଜନ୍ମିଯାଏ, ଯାହାକୁ ଲୋକେ ଚକ୍ଷୁ-
ପିରୁକାର ମେଳ ବା ମଧୁର ଆଖିରେ ଦେଖିବା କହନ୍ତି । ଏପରି
ଦୁହିଙ୍କ ମଧ୍ୟରେ ଯେଉଁ ପ୍ରୀତି ଜନ୍ମେ, ତାହାକୁ ଏବା ଅକୃତ୍ରିମ
ପ୍ରୀତି କହନ୍ତି । ଏ ପ୍ରୀତି ଉଭୟଙ୍କ ମନକୁ ସ୍ନେହରୂପ ଦଉଡ଼ିରେ
ଦୃଢ଼ରୂପେ ବାନ୍ଧି ରଖେ ।

ଚନ୍ଦ୍ରକେତୁ—ସୁମନ୍ତ୍ର ! ଏ ପିଲାଟି ଏକୁଟିଆ ଯୁଦ୍ଧ କରୁଛି ? ଆମ୍ଭ ସୈନ୍ୟ-
ମାନେ ସମସ୍ତେ ମିଶି ଏହା ସଙ୍ଗେ ଯୁଦ୍ଧ କରିବା ବଡ଼ ଅନ୍ୟାୟ ।

ସୁମନ୍ତ୍ର—ବତ୍ସ ! ସମସ୍ତେ ମିଶି ଏହା ସଙ୍ଗେ ଯୁଦ୍ଧ କରି କି ଯିବାକୁ ପାରୁ
ନାହାନ୍ତି ? ଜଣେ ଜଣେ ଯୁଦ୍ଧ କରି କଅଣ କରିବେ ?

ଚନ୍ଦ୍ରକେତୁ—ଅହେ ହେ ସେନାପତିମାନେ ! ତୁମ୍ଭେମାନେ ବୟସରେ
ବଡ଼, ଆଉ ତୁମ୍ଭମାନଙ୍କ ସଙ୍ଗେ ଏତେ ହସ୍ତ୍ୟଶ୍ୱରଥପଦାତି
ଅଛନ୍ତି, ତୁମ୍ଭେମାନେ ରଥରେ ଥାଇ ଯେବାଙ୍କୁ ପାଦଚାରୀ ଋଷି-

ପିଲାଃ ସଙ୍ଗେ ଯୁଦ୍ଧ କରୁଚ ? ତେବେହେଲେ ପାରୁ ନାହିଁ ।
ଧିକ୍ ତୁମ୍ଭମାନଙ୍କ ପରାକ୍ରମକୁ ଧିକ୍ ! ଅହେ ହେ ଋଷିକୁମାର !
କାହିଁକି ଅମ୍ଭ ମ୍ଳାନବୀର୍ଯ୍ୟ ସୈନ୍ୟମାନଙ୍କୁ ଗୋଡ଼ାଇ ବିନାଶ
କରୁଚ ? ଅମ୍ଭେ ଏଠାରେ ଅଛୁଁ, ଅମ୍ଭ ସହିତ ଯୁଦ୍ଧ କରି ତୁମ୍ଭ
ବାହୁବଳର ପରିଚୟ ଦିଅ ।

ସୁମନ୍ତ୍ର—କୁମାର ! ସେ ଋଷିପିଲାଃ ତୁମ୍ଭ କଥା ଶୁଣି ଅମ୍ଭ ସୈନ୍ୟମାନଙ୍କୁ
ଛାଡ଼ି ଏଣିକି ଆସିଲା, ସାବଧାନ ।

ଲବ—(ପ୍ରତ୍ୟକ୍ଷ ହୋଇ) ସାଧୁ ରାଜପୁତ୍ର ସାଧୁ ! ପ୍ରକୃତରେ ତୁମ୍ଭେ
ବୀର ଅଟ, ରଥାରୋହଣ କର, ଆସ ତୁମ୍ଭର ଅମ୍ଭର ଯୁଦ୍ଧ କରିବା ।

ଚନ୍ଦ୍ରକେତୁ—ଅମ୍ଭେ ବୃଦ୍ଧମାନଙ୍କଠାରୁ ଶୁଣିଚୁ, ରଥରେ ଥାଇ
ପାଦଗାମୀ ସହିତ ଯୁଦ୍ଧ କରିବା ଅନ୍ୟାୟ, ତୁମ୍ଭେ ଅମ୍ଭର ଆଉ
ଗୋଟିଏ ରଥ ଆରୋହଣ କର, ସଙ୍ଗ ହୋଇ ରଥରେ ଥାଇ
ଯୁଦ୍ଧ କରିବା ।

ଲବ—ଅମ୍ଭେ ବନବାସୀ, ରଥରେ ଥାଇ ଯୁଦ୍ଧ କରିବା ଅମ୍ଭର ଅଭ୍ୟାସ
ନାହିଁ, ତୁମ୍ଭେ ରାଜକୁମାର, ତଳେ ଥାଇ ଯୁଦ୍ଧ କରିବା ବୋଧ
ହୁଏ ତୁମ୍ଭର ଅଭ୍ୟାସ ନ ଥିବ, ଏହେତୁ କହିଲୁଁ; ଥାଉ ତୁମ୍ଭେ
ରଥରେ ଥିଲେ ବଡ଼ ସୁନ୍ଦର ଦେଖାଯାଅ ।

ସୁମନ୍ତ୍ର—ଅହା ! ପିଲାଦିନେ ରାମଚନ୍ଦ୍ର କଥା କହିଲା ପରି ଏ ପିଲାଃ
କି ସୁନ୍ଦର କଥା କହୁଛି ? ଯଦି ରାମଚନ୍ଦ୍ର ଏହାଙ୍କୁ ଦେଖନ୍ତେ,
ତେବେ ତାହାଙ୍କ ହୃଦୟ ସ୍ନେହରସରେ ଆର୍ଦ୍ର ହୋଇ ଯାଆନ୍ତା ।

ଲବ—କେଉଁ ରାମଚନ୍ଦ୍ର ? ଇକ୍ଷ୍ୱାକୁ ରାମଚନ୍ଦ୍ର ?

ସୁମନ୍ତ୍ର—ହଁ ।

ଲବ—ହଁ, ଅମ୍ଭେ ରାମାୟଣ କଥାରେ ପଢ଼ିଚୁଁ, ସେ ମହାତ୍ମା ଅତି
ମାନବାନ୍, ତାହାଙ୍କଠାରେ ଅନେକ ସଦ୍ଗୁଣ ଅଛି, ସେ
ସମସ୍ତଙ୍କୁ ସ୍ନେହ କରନ୍ତି ।

ଚନ୍ଦ୍ରକେତୁ—ତାହାଙ୍କୁ ତ ଜାଣ, ତାହାଙ୍କ ଯଜ୍ଞାଶ୍ୱ କାହିଁକି ଘେନି ଗଲ ?

ଲବ—ଆମ୍ଭେ ତାହାଙ୍କ ଯାଗ ବିଘ୍ନ କରିବାକୁ ନେଇ ନାହୁଁ, ତାହାଙ୍କ ଅଶ୍ୱରକ୍ଷକମାନେ ଯେଉଁ ସଗର୍ବ ଘୋଷଣା କଲେ, ତାହା ଶୁଣି ଆମ୍ଭର ରାଗ ଜନ୍ମିଲା ।

ଚନ୍ଦ୍ରକେତୁ—ଆମ୍ଭ ଜ୍ୟେଷ୍ଠପିତାଙ୍କ ପ୍ରତାପାଧିକ୍ୟର ଘୋଷଣା ଶୁଣି ତୁମ୍ଭର ଅସହିଷ୍ଣୁତା ଜନ୍ମିଲା ?

ଲବ—ଆମ୍ଭର ଅସହିଷ୍ଣୁତା ଜନ୍ମି ନାହିଁ, ଆମ୍ଭେ ପୁରାଣରେ ପଢ଼ିଛୁଁ; ଇକ୍ଷ୍ୱାକୁ ରାମଚନ୍ଦ୍ର ନିରହଙ୍କାର, ତାହାଙ୍କ ପ୍ରଜାମାନେ ମଧ୍ୟ ସେହିପରି ଅଟନ୍ତି, ତାହାଙ୍କ ଲୋକଗୁଡ଼ାକ କାହିଁକି ଏପରି କର୍କଶ ବଚନ କହିଲେ ? ଏପରି ବଚନ ରାକ୍ଷସୀ ବଚନ, ସମସ୍ତ କ୍ରୋଧ ଆଉ ଅମଙ୍ଗଳର କାରଣ । ଋଷିମାନେ ସତ୍ୟ ଆଉ ପ୍ରିୟ ବଚନକୁ ଅତ୍ୟନ୍ତ ପ୍ରଶଂସା କରନ୍ତି; କହନ୍ତି, ଏପରି ବଚନ କାମଧେନୁ ସ୍ୱରୂପ, ଏଥିରେ ସକଳ କାର୍ଯ୍ୟ ସିଦ୍ଧ ହୁଏ ।

ସୁମନ୍ତ୍ର—(ହସି) ଏ ଋଷିମାନଙ୍କ ସଂସର୍ଗରେ ବଢ଼ିଥିବାରୁ ଏପରି ପବିତ୍ର ସ୍ୱଭାବ ହୋଇଅଛନ୍ତି ।

ଲବ—ତୁମ୍ଭ ଜ୍ୟେଷ୍ଠପିତା କ୍ଷତ୍ରିୟ ଧର୍ମ ଜାଣନ୍ତି ?

ଚନ୍ଦ୍ରକେତୁ—କଅଣ କହିଲ ? ଆମ୍ଭ ଜ୍ୟେଷ୍ଠପିତା କ୍ଷତ୍ରିୟ ଧର୍ମ ଜାଣନ୍ତି ନାହିଁ ? ତୁମ୍ଭେ ଆମ୍ଭ ସ୍ୱଳ୍ପବୀର୍ଯ୍ୟ ସୈନ୍ୟମାନଙ୍କୁ ଜୟ କଲ ବୋଲି ତୁମ୍ଭର ଏ ଗର୍ବ ଜନ୍ମିଅଛି କି ? ସେ କ୍ଷତ୍ରିୟଧର୍ମକେତୁ ପରଶୁରାମଙ୍କୁ ଜୟ କରିଅଛନ୍ତିଟିକି ?

ଲବ—ପରଶୁରାମଙ୍କୁ ଜୟ କରିବା କି ଗୋଟାଏ ପ୍ରଶଂସାର କଥା ? ସମସ୍ତେ ଜାଣନ୍ତି ବ୍ରାହ୍ମଣମାନଙ୍କର ବଚନରେ ବୀର୍ଯ୍ୟାଧିକ୍ୟ, ବାହୁରେ ନୁହେଁ, ବାହୁବୀର୍ଯ୍ୟ କ୍ଷତ୍ରିୟମାନଙ୍କର, ପରଶୁରାମ ବ୍ରାହ୍ମଣ ଜଣେ, ଅସ୍ତ୍ରଧାରଣ କରିଥିଲେ, ତାହାଙ୍କୁ ଜିଣି ତୁମ୍ଭ ଜ୍ୟେଷ୍ଠପିତାଙ୍କର କି ପ୍ରଶଂସା ହେଲା ?

ଚନ୍ଦ୍ରକେତୁ—ଆର୍ଯ୍ୟ ସୁମନ୍ତ୍ର ! ଯେ ଏକବିଂଶତି ଥର କ୍ଷତ୍ରିୟମାନଙ୍କୁ ବିନାଶ କରିଥିଲେ, ତାହାଙ୍କୁ ଏ ବୀର ବୋଲି ଗଣନା କରୁ ନାହାନ୍ତି ? ଏ ଅମ୍ଭ ଜ୍ୟେଷ୍ଠପିତାଙ୍କ ମହିମା କାହୁଁ ଜାଣିବେ ?

ଲବ—(କ୍ରୁଦ୍ଧ ହେଲା ପରି) ତୁମ୍ଭ ଜ୍ୟେଷ୍ଠ ପିତାଙ୍କ ମହିମା ଅମ୍ଭେ ଭଲରୂପେ ଜାଣୁଁ ! ବଡ଼ କହନ୍ତି ଯେ ସେ ବୃଦ୍ଧ, ତାହାଙ୍କ ଚରିତ୍ର ସମାଲୋଚନା କରିବା ଅମ୍ଭର ଉଚିତ ନୁହେ ।

ଚନ୍ଦ୍ରକେତୁ—କଅଣ ଜାଣ କହୁ ନାହଁ କାହିଁକି ?

ଲବ—ତୁମ୍ଭ ରାକ୍ଷସ ସ୍ତ୍ରୀ ତାଡ଼କାକୁ ବୋଲି ମାରିଥିବେ ମାତ୍ର ଅପୂର୍ବ ଯଶ ଲାଭ କରିଅଛନ୍ତି, ଅନ୍ୟ ସଙ୍ଗେ ଯୁଦ୍ଧ କଲାବେଳେ ବାଳି ବୋଲି ମାଙ୍କଡ଼ଟିଏ ମାରି କ୍ଷତ୍ରିୟଧର୍ମବିରୁଦ୍ଧ କଳାପତାକା ଉଡ଼ାଇଅଛନ୍ତି, ଆଉ ଖର ରାକ୍ଷସ ସଙ୍ଗେ ଯୁଦ୍ଧ କଲାବେଳେ ପଛଘୁଞ୍ଚା ଦେଇ କ୍ଷତ୍ରିୟକୁଳରେ କଳଙ୍କ ଲଗାଇଅଛନ୍ତି, ଏହି ତ ତୁମ୍ଭ ଜ୍ୟେଷ୍ଠପିତାଙ୍କ ମହିମା ?

ଚନ୍ଦ୍ରକେତୁ—ଅରେ ତୁ ଏଡ଼େ ଗର୍ବୀ ଯେ ଅମ୍ଭ ଜ୍ୟେଷ୍ଠପିତାଙ୍କୁ ନିନ୍ଦା କରୁଛୁ ? (ଶର ସନ୍ଧାନର ଅଭିନୟ)

ସୁମ—(ପ୍ରବେଶ ହୋଇ) ହାଁ, ହାଁ, ହାଁ, କାହିଁକି ଏ ଋଷିକୁମାରଙ୍କ ପ୍ରତି ଶରସନ୍ଧାନ କରୁଛ ? ଶର ସମ୍ବରଣ କର, ଆସ, ଅମ୍ଭଙ୍କୁ ଆଲିଙ୍ଗନ କରି ଅମ୍ଭ ଚକ୍ଷୁଦାହ ଶାନ୍ତ କର ।

ଚନ୍ଦ୍ରକେତୁ—(ଶର ସମ୍ବରଣ କରି) ତାତ ! ପ୍ରଣାମ ।

ସୁମ—ବାବୁ ! ଚିରଜୀବୀ ହୋଇଥାଅ, (କୋଳ କରି) କାହିଁକି ଏ ଋଷିକୁମାରଙ୍କ ପ୍ରତି ଶରସନ୍ଧାନ କରୁଥିଲ ?

ଚନ୍ଦ୍ରକେତୁ—ତାତ ! ଏ ଋଷିକୁମାର ଲବ ଆପଣଙ୍କୁ ନିନ୍ଦା କରିବାରୁ ଅମ୍ଭେ ତାହାଙ୍କ ସହିତ ଯୁଦ୍ଧ କରିବୁଁ ବୋଲି ଶରସନ୍ଧାନ କରୁଥିଲୁଁ ।

ରାମ—ସୁମନ୍ତ୍ର ! ଏ ପିଲାଃ କିଏ ? ଏହାଙ୍କ ଅଦ୍ଭୁତ ବେଶ ମଧୁର ଦେଖା ଯାଉଅଛି ।

ସୁମନ୍ତ୍ର—ଅଜ୍ଞା, ମୁଁ ଏହାଙ୍କୁ ଜାଣେ ନାହିଁ, କିନ୍ତୁ ଏ ବଡ଼ ଯୁଦ୍ଧ-ବିଶାରଦ ।

ରାମ—ଏହାଙ୍କ ଅଦ୍ଭୁତ ଦେଖି ସେହିପରି ବୋଧ ହେଉଅଛି, ସଂସାରର ସମସ୍ତ ସାର ପଦାର୍ଥ ଅଉ ପୁଣ୍ୟପୁଞ୍ଜରେ ଏହାଙ୍କ ଦେହ ଗଠିତ ହେଲା ପରି ବୋଧ ହେଉଅଛି । କେଜେ ଅଷ୍ଟଦେବ ଲୋକ-ମାନଙ୍କୁ ପରିତ୍ରାଣ କରିବାପାଇଁ ଶରୀର ଧାରଣ କରିଅଛନ୍ତି କି ?

ଲବ—ରାଜକୁମାର ! ଏ ମହାଶୟ କିଏ ?

ଚନ୍ଦ୍ରକେତୁ—ଏ ଅମ୍ଭ ପିତୃ ।

ଲବ—ତୁମ୍ଭର ଚାରି ଗୋଟି ପିତୃ ବୋଲି ରାମାୟଣ କଥାରେ ଅଛି, ଏ ମହାଶୟ ସେମାନଙ୍କ ମଧ୍ୟରୁ କିଏ ?

ଚନ୍ଦ୍ରକେତୁ—ଏ ଅମ୍ଭର ଜ୍ୟେଷ୍ଠପିତୃ ।

ଲବ—(ସୋଲ୍ଲାସେ) ଏ ମହାଶୟ ଜଣେ ରଘୁନାଥ ! ଅଜ ରାତ୍ରି ସୁକ୍ଷଣରେ ପ୍ରଭାତ ହୋଇଥିଲା । ମୁଁ ରାମାୟଣକଥାପ୍ରଭୁଙ୍କୁ ସ୍ୱଚକ୍ଷୁରେ ଦେଖିଲି । ମହାଶୟ ! ପ୍ରଣାମ ।

ରାମ—ବାରୁ ଚିରଜୀବୀ ହୋଇ ଥାଅ । ଅମ୍ଭ କୋଳକୁ ଆସ । (କୋଳରେ ଧରି) ପଦ୍ମପତ୍ର ପରି ସ୍ଥୂଳ ଚକ୍ଷୁଣ ଅଉ ଚନ୍ଦ୍ର ଓ ଚନ୍ଦନରସ ପରି ସୁଶୀତଳ ତୁମ୍ଭ ଦେହସ୍ପର୍ଶ ଅମ୍ଭଙ୍କୁ ଆନନ୍ଦିତ କରୁଅଛି ।

ଲବ— (ମନେ ମନେ) ଏହାଙ୍କର ମୋ ପ୍ରତି ଏତେ ଅକାରଣ ସ୍ନେହ, ମୁଁ ଅଜ୍ଞ ଏହାଙ୍କର ଯଜ୍ଞାଶ୍ୱ ନେଇ ବୃଥା ଏତେ ସୈନ୍ୟ ବିନାଶ କଲି ! (ପ୍ରକାଶ୍ୟେ) ମହାଶୟ, ମୋହର ଦୋଷ କ୍ଷମା କରିବା ହୁଅନ୍ତୁ ।

ରାମ—ତୁମ୍ଭେ କି ଦୋଷ କରିଅଛ କି ?

ଚନ୍ଦ୍ରକେତୁ—ଏ ଆପଣଙ୍କର ପ୍ରତାପାଧିକ୍ୟର ଘୋଷଣା ଶୁଣି ସହି ନ
ପାରି ଅମ୍ଭ ଯଜ୍ଞାଶ୍ୱକୁ ଘେନ ଯାଇଅଛନ୍ତି, ଆଉ ଅମ୍ଭର ଅନେକ
ସୈନ୍ୟ ବିନାଶ କରିଅଛନ୍ତି ।

ରାମ—ହଁ, ନ ସହିବା ତ କ୍ଷତ୍ରିୟର ଭୂଷଣ । ତେଜସ୍ୱୀ ଲୋକେ ଅନ୍ୟର
ତେଜ ସହି ପାରନ୍ତି ନାହିଁ, ଏହା ସ୍ୱଭାବସିଦ୍ଧ; ସୂର୍ଯ୍ୟଦେବ
ପ୍ରଖର କିରଣମାନଙ୍କୁ ପ୍ରକାଶ କଲେ ସୂର୍ଯ୍ୟକାନ୍ତମଣି ଅଗ୍ନି
ନ ଉଦ୍ଗାର କରି ପାରେ କି ? ଅମ୍ଭ ଅଶ୍ୱରକ୍ଷକ ସେନାମାନେ
କାହାନ୍ତି ?

ଚନ୍ଦ୍ରକେତୁ—ଏ ବୀରଙ୍କ ତୀକ୍ଷ୍ଣ ଶରଘାତରେ ସବୁ କୁଆଡେ ପଳାଇ
ଯାଇଅଛନ୍ତି ।

ରାମ—ତୁମ୍ଭେ ସୁମନ୍ତ୍ର ଦୁହେଁ ଯାଅ ଯାଇ ସେମାନଙ୍କୁ ସଂଗ୍ରହ କର ।

ଚନ୍ଦ୍ରକେତୁ ଓ ସୁମନ୍ତ୍ର—ଯେ ଆଜ୍ଞା । (ପ୍ରସ୍ଥାନ)

ନେପଥ୍ୟେ—ବାଣ୍ଡାସ୍ୱନ! ବାଣ୍ଡାସ୍ୱନ! ଆୟୁଷ୍ମାନ୍ ଲବର ରାଜସୈନ୍ୟଙ୍କ
ସଙ୍ଗେ କେଉଁଠାରେ ଯୁଦ୍ଧ ହେଉଛି ? ମତେ ଶୀଘ୍ର କହି ଦିଅ,
ମୁଁ ଏହିକ୍ଷଣି ସେ ସୈନ୍ୟମାନଙ୍କୁ ଏକ ଏକ ଶରରେ
ରଣଶାୟୀ କରିବି ।

ରାମ—ବାରୁ ! ଏ କିଏ ତୁମ୍ଭକୁ ଡାକୁଅଛନ୍ତି ?

ଲବ—ଏ ଅମ୍ଭ ଜ୍ୟେଷ୍ଠ ଭ୍ରାତା କୁଶ, ଯୁଦ୍ଧ ହେଉଥିବା କଥା ଶୁଣି
ଅମ୍ଭଙ୍କୁ ସାହାଯ୍ୟ କରିବାକୁ ଆସିଅଛନ୍ତି ।

ରାମ—ବାରୁ ! ତାଙ୍କୁ ଏଠାକୁ ଡାକ !

ଲବ—ଯେ ଆଜ୍ଞା । ଉଠିଯାଇ ନେପଥ୍ୟ ଅଡ଼କୁ ଚାହିଁ ଆର୍ଯ୍ୟ! ଆର୍ଯ୍ୟ!
ମୁଁ ଏଠାରେ ଅଛି, ଏଠାକୁ ଆସିବା ହୁଅନ୍ତୁ ।

କୁଶ—(ପ୍ରବେଶ ହୋଇ ସକ୍ରୋଧେ) ବତ୍ସ ! ଶୁଣିଲି, ରାଜସୈନ୍ୟ-
ମାନଙ୍କ ସଙ୍ଗେ ତୁମ୍ଭର ଯୁଦ୍ଧ ହେଉଥିଲା ? ଇକ୍ଷ୍ୱାକୁମାନେ
ଦାନବମାନଙ୍କୁ ବିନାଶ କରି ଇନ୍ଦ୍ରଙ୍କୁ ଅଭୟ ପ୍ରଦାନ କରିଥିବାରୁ

ସିନ ବନ୍ଦୀ ହୋଇଅଛନ୍ତି, ଅତ ମୁଁ ସେମାନଙ୍କ ବନ୍ଧ ଖଣ୍ଡ କରିବ ।

ଲବ—ହଁ, ଅମ୍ଭର ସେମାନଙ୍କ ସଙ୍ଗେ ବହୁକ୍ଷଣ ଯୁଦ୍ଧ ହୋଇଥିଲା, ଆପଣ ବର୍ତ୍ତମାନ କ୍ରୋଧ ଶାନ୍ତ କରନ୍ତୁ ।

କୁଶ—କାହିଁକି ?

ଲବ—ଏଠାରେ ଦେବ ରଘୁପତି ଅଛନ୍ତି ।

କୁଶ—(ଗୃହି ସଦର୍ପେ) ଏ ସେହି ରାମାୟଣକଥାପୁରୁଷ ବ୍ରହ୍ମାଣ୍ଡ-ନାଥ !

ଲବ—ଆଜ୍ଞା, ଯେ ଶିବଧନୁ ଭଙ୍ଗିବା, ଅହଲ୍ୟାଙ୍କୁ ଉଦ୍ଧାର କରିବା ଆଉ ରାବଣ କୁମ୍ଭକର୍ଣ୍ଣ ପ୍ରଭୃତି ଦୁର୍ଦ୍ଦମ୍ୟ ରାକ୍ଷସମାନଙ୍କୁ ବିନାଶ କରିବା ଦ୍ୱାରା ଏ ପୃଥିବୀରେ ଘୋରତର ପ୍ରଭାବ ଦେଖାଇଅଛନ୍ତି, ସେହି ମହାପୁରୁଷ ଏ ।

କୁଶ—(ଗୃହି) ଅହା ! କି ଆନନ୍ଦମୟ ରୂପ ! ଏ ମହାପୁରୁଷଙ୍କ ଚରିତ ଅବଲମ୍ବନ କରି ରାମାୟଣ କବି ଯେ ଭଗବତୀ ଭାରତୀଦେବୀଙ୍କୁ ଆନନ୍ଦିତା କରିଅଛନ୍ତି, ତାହା ଯୋଗ୍ୟ ପାତ୍ରାବଲମ୍ବନରେ ହୋଇଥିବାରୁ ଯଥାର୍ଥ ହୋଇଅଛି । (ନିକଟକୁ ଯାଇ) ମହାଶୟ ! ପ୍ରଣାମ ।

ରାମ—ବାବୁ ଚିରଜୀବୀ ହୋଇଥାଅ, ମୋ କୋଳକୁ ଆସ । (କୋଳ କରି ସ୍ୱଗତ) ଅହା ! ଆମ୍ଭ ସ୍ନେହରୂପ ସାର ପଦାର୍ଥ ଶରୀର ଧାରଣ କରି ଚେତନା ପ୍ରାପ୍ତ ହୋଇଅଛି କି ? ଏହାଙ୍କ ସ୍ପର୍ଶ ତ କାହିଁକି ଆମ୍ଭ ଅଙ୍ଗ ପ୍ରତ୍ୟଙ୍ଗମାନଙ୍କୁ ସ୍ନେହରସରେ ଆର୍ଦ୍ର କରି ପକାଉଅଛି ।

ଲବ—ମହାଶୟ ! ଏଠାରେ ଖରା ମୁହଁକୁ ମାରୁଛି, ଆସ ଏ ଶାଳଗଛ ଛାଇରେ ଯାଇ ବସିବା ।

ରାମ—ହଉ, ବତ୍ସର ଯେ ଇଚ୍ଛା ! (ସମସ୍ତେ ଶାଳଗଛ ଛାଇରେ ଯାଇ ବସିବା)

ରାମ—(ସ୍ୱଗତ) ଏ ଲବ କୁଶ ଦୁହେଁ ଋଷିଶିଶୁ ପରି ହୋଇଥିଲେ ଯେ, କିନ୍ତୁ ଏମାନଙ୍କ ଆକୃତିରୁ, ବସିବା ଭଙ୍ଗୀରୁ ଏବଂ ଚାଲି-ଚଳଣୀରୁ ଏ ଦୁହେଁ ରାଜକୁମାର ପରି ବୋଧ ହେଉଅଛନ୍ତି, ଆଉ ଏ ଦୁହିଁଙ୍କଠାରେ ରଘୁବଂଶୀୟ ରାଜକୁମାରମାନଙ୍କର ଛବିର ଛାୟା ଦେଖା ଯାଉଅଛି, ଯେପରି ଉତ୍କୃଷ୍ଟ ମଣିରେ ମନୋହର କିରଣ ଥିବା ସ୍ୱାଭାବିକ, ବିକଶିତ ପଦ୍ମରେ କେଶର ଥିବା ସ୍ୱାଭାବିକ, ସେହିପରି ଏ ଦୁହିଁଙ୍କଠାରେ ରାଜ-ଲକ୍ଷଣ ସ୍ୱଭାବରେ ରହିଅଛି, ଆଉ ବୃଦ୍ଧ ପାର୍ଶ୍ୱବର କଣ୍ଠ ପରି ଏ ଦୁହିଁଙ୍କ କଣ୍ଠ ହୋଇଅଛି, ବୃଷଭର ସ୍କନ୍ଧ ପରି ସ୍କନ୍ଧ ମଧ୍ୟ ହୋଇଅଛି, ଅନେକ ଅଂଶରେ ଏମାନଙ୍କ ଆକୃତି ମୋ ଆକୃତି ପରି ହୋଇଅଛି । କେବଳ ଯେ ମୋ ଆକୃତି ପରି ଏମାନଙ୍କ ଆକୃତି ହୋଇଅଛି ଏମନ୍ତ ନୁହେଁ, ଭଲ କରି ଜାଣି ଚାହିଁଲେ ଜନକନନ୍ଦିନୀଙ୍କର ସେହି ରୂପ ସେହି ଛବି ଏ ଦୁହିଁଙ୍କଠାରେ ସମ୍ପୂର୍ଣ୍ଣ ପ୍ରତିବିମ୍ବିତ ହୋଇଅଛି, ଆଉ ଏ ଦୁହିଁଙ୍କ ମୁହଁକୁ ଚାହିଁଲେ ପ୍ରିୟାଙ୍କର ସେହି ନବବିକଶିତ ପଦ୍ମମୁଖର ଛଟା ଦିଶି ଯାଉଅଛି, ନେତ୍ରମାନଙ୍କରେ ଯଦି ରଙ୍ଗ ଥାଇ ନୀଳିମା ଦେଖା ଯାଉଅଛି ତଥାପି ପ୍ରିୟାଙ୍କର ସେହି ନେତ୍ର ପରି ଏ ଦୁହିଁଙ୍କ ନେତ୍ର ମନୋହର ହୋଇଅଛି, ହା ଦେବି ! ମୋ ମନକୁ କାହିଁକି ଅନ୍ୟ ବାଟେ ନେଉଅଛୁ ? (ଲୋତକପାତ)

ଲବ—ଦେବ ! ହିମଜଳସିକ୍ତ ପଦ୍ମ ପରି କାହିଁକି ଆପଣଙ୍କ ଜଗନ୍ମଙ୍ଗଳ-କାରୀ ମୁଖକୁ ଅଶ୍ରୁଜଳରେ ସିକ୍ତ କରବା ହେଉଅଛନ୍ତି ?

କୁଶ—ବନ୍ଧୁ ! ରଘୁନନ୍ଦନଙ୍କୁ ସୀତା ଦେବୀଙ୍କ ବିରହରେ ସମସ୍ତ ଜଗତ୍ ଜୀର୍ଣ୍ଣାରଣ୍ୟ ପରି ବୋଧ ହେଉଥିବ, ସେପରି ସ୍ନେହକୁ ଏପରି କରିବ, ଏଥିରେ ରାମଚନ୍ଦ୍ରଙ୍କର ଦୋଷ କାହିଁ ? ଅନ୍ୟଥା ଯେ ତୁମ୍ଭେ ରାମାୟଣ ତ ପଢ଼ିଲ ପରି ପଚାରୁଛ ?

ରାମ—(ସାଶ୍ରୁ ସ୍ୱଗତ) ଏହାଙ୍କ କଥାରୁ ବୋଧ ହେଉଛି, ଏ ଦୁହେଁ ସୀତା ଦେବୀଙ୍କ ପୁତ୍ର ନୁହନ୍ତି, ହୋଇଥିଲେ କି ରଘୁନନ୍ଦନ ଆଉ ସୀତା ଦେବୀ ବୋଲି ଏପରି ସମ୍ଭ୍ରମହୀନ କଥା କହନ୍ତେ ? ଅରେ ଦଗ୍ଧ ହୃଦୟ ! ବୃଥା ସ୍ନେହରେ ଚଞ୍ଚଳ ହୋଇ କାହାରେ ପ୍ରକାଶ ପାଇ ଏ ଶିଶୁ ଦୁହିଙ୍କର ଦୟାର ପାତ୍ର ହେଲୁ ! (ଦୀର୍ଘ ନିଶ୍ୱାସ ପକାଇ) ବାବୁ ! ତୁମ୍ଭେ ଯେଉଁ ରାମାୟଣ ପ୍ରବନ୍ଧ ପଢ଼ିଛ ବୋଲି କହୁଛ, ସେଥିରୁ ତୁମ୍ଭର କିଛି ମୁଖସ୍ଥ ଅଛି ?

ଲବ—ହଁ, ସେ ଗ୍ରନ୍ଥ ଆମ୍ଭେ ଦୁହେଁ ପଢ଼ିଛୁ, ସବୁ ମନେ ନାହିଁ, ବାଳଚରିତର ଅନ୍ତ୍ୟ ଅଧ୍ୟାୟରୁ ଏ ଗୀତ ପଦ ମନେ ପଡ଼ୁଛି ।

ରାମ—ଗାଅ ବାବୁ !

ଲବ-କୁଶ— ମହାତ୍ମା ରାମ ନିଜ ସ୍ୱଭାବରେ
ସ୍ନେହ କରନ୍ତି ସୀତାଙ୍କୁ ଅନ୍ତରେ ।
ସୀତା ଦେବୀ ସେହି ସ୍ନେହଭାବକୁ
ଯୋଗ୍ୟ ନିଜ ଗୁଣେ ବଢ଼ାଇବାକୁ ।
ସୀତାଦେବୀଙ୍କର ରଘୁନନ୍ଦନ
ପ୍ରାଣଠାରୁ ପ୍ରିୟ ଥିଲେଟି ଜାଣ ।
ଉଭୟଙ୍କ ପ୍ରୀତିଯୋଗ ଉଭୟେ
ଜାଣନ୍ତି ସିନା ସେ ଦୁହେଁ ହୃଦୟେ ।

ରାମ—(ସକରୁଣେ ସ୍ୱଗତ) ହା ଦେବି ! ସେତେବେଳେ ତୁମ୍ଭେ ଆମ୍ଭ ପ୍ରତି ଏହିପରି ଏକା ହୋଇଥିବ, ଆହା ! ଅକାରଣରେ ପ୍ରିୟଙ୍କୁ ଛାଡ଼ି ଦେଇ କେତେ ତାପିତ ହେଉଛ ? ତାଙ୍କ ଆମ୍ଭ ମନରେ ଯେଉଁ ସ୍ନେହଜନିତ ଆନନ୍ଦ ଜାତ ହୋଇଥିଲା, ସେ ଲୁପ୍ତହୋଇ ଗଲା, ସେ ଆନନ୍ଦଜନକ କୌତୁକମାନ ଲୁପ୍ତହୋଇ ଗଲା, ମୁଁ କେବଳ ଦୁଃଖ ଭୋଗ କରିବ ବୋଲି ଜୀବିତ ରହିଅଛି !

ଲବ—ଏ ଗଙ୍ଗାକୂଳ ନିକଟବର୍ତ୍ତୀ ବନବିହାର ସମୟରେ ଆପଣ ସୀତା ଦେବୀଙ୍କୁ ଲକ୍ଷ କରି ଯାହା କହିଥିଲେ ସେହି ଗୀତ ।

ରାମ—ଗାଅ ବାପୁ !

ଲବ-କୁଶ— ପ୍ରିୟେ ଗୋ ତୁମ୍ଭେ ଶୋଇବା ନିମନ୍ତେ
ପ୍ରସ୍ତରସକଳ ପଡ଼ିଛି ଅଗ୍ରତେ ।
ପୁଷ୍ପବୃଷ୍ଟି କରିବାକୁ ବୃକ୍ଷେ
ଉଭା ହୋଇଛନ୍ତି ଏ ଶିଳା ତଳେ ।
ଆସ ଏଠାରେ କରିବା ଶୟନ
ଆନନ୍ଦ କରିବା ଦୁଃଖିତ ମନ ।

ରାମ—(ସଲଜ୍ଜେ ସକରୁଣେ) ଏ ଦୁହେଁ ବାଳକ ଅତି ବନବାସୀ ଥିବାରୁ ଏପରି ସରଳପ୍ରକୃତି ହୋଇଅଛନ୍ତି, ଏହାର ଭାବ କିଛି ବୁଝି ପାରି ନାହାନ୍ତି । ଅହା ! ସେଦିନ ସେଠାରେ ତାଙ୍କ ଆମ୍ଭ ମନରେ କି ଅପୂର୍ବ ଆନନ୍ଦ ଜାତ ହୋଇଥିଲା !

ନେପଥ୍ୟେ—ରାଜସୈନ୍ୟମାନଙ୍କ ସଙ୍ଗେ ଲବ କୁଶଙ୍କର ଯୁଦ୍ଧ ହେଉଥିବା ଶୁଣି ବଶିଷ୍ଠ, ଜନକ ଅଉ ଅରୁନ୍ଧତୀଙ୍କ ସହିତ ରାମଚନ୍ଦ୍ରଙ୍କ ମାତାମାନେ ସୋଦ୍‌ବେଗେ ଏଥିକି ଆସିଅଛନ୍ତି ।

ରାମ—କଅଣ ! ଭଗବତୀ ଅରୁନ୍ଧତୀ ଦେବୀ ଅଉ ଆମ୍ଭ ମାତାମାନେ ! ପୁଣି ଗୁରୁଦେବ ବଶିଷ୍ଠ ଏବଂ ଜନକ ମଧ୍ୟ ଏଠାକୁ ଆସିଅଛନ୍ତି ! କଅଣ କରିବି ? କିପରି ମୁଁ ଏମାନଙ୍କ ମୁହଁକୁ ଚାହିଁବି ?

ପୁନଃ ନେପଥ୍ୟେ—ଅରେ ! କି କଷ୍ଟ ଉପସ୍ଥିତ ହେଲା ! ସୀତାବିରହଦୁର୍ବଳ ରାମଚନ୍ଦ୍ରଙ୍କୁ କେବଳ କ୍ଷତ୍ରିୟ ତେଜରୁ ସେହି ରଘୁନନ୍ଦନ ବୋଲି ଚିହ୍ନି ପାରି ମୋହପ୍ରାପ୍ତ ହୋଇଥିବା ଜନକଙ୍କୁ ଶାନ୍ତ କରୁ କରୁ ରାମଚନ୍ଦ୍ରଙ୍କ ମାତାମାନେ ମୋହପ୍ରାପ୍ତ ହେଲେ !

ରାମ—ହା ତାତ ଜନକ ! ହା ମାତାମାନେ ! ଯେଉଁ ନିର୍ଦ୍ଦୟ ରାମ ଜନକ ଅଉ ରଘୁବଂଶର ମଙ୍ଗଳରୂପିଣୀ ସୀତାଦେବୀଙ୍କୁ

ବନରେ ପରିତ୍ୟାଗ କରିଥିଲ, ସେ ପାପୀ ସ୍ୱାମୀଠାରେ ଦୃଷ୍ଟି କରି ମୋହପ୍ରାପ୍ତ ହେଲ ? ବତ୍ସ କୁଶ ଲବ ! ଆସ, ଅମ୍ଭେମାନେ ଯାଇ ସେମାନଙ୍କୁ ଶାନ୍ତ କରାଇବା !

କୁଶ-ଲବ—ଆଜ୍ଞା, ଆସିବା ହୁଅନ୍ତୁ । (ସମସ୍ତଙ୍କର ପ୍ରସ୍ଥାନ)

ଇତି ଚତୁର୍ଥ ଅଙ୍କ

—*—

ପଞ୍ଚମ ଅଙ୍କ

ନେପଥ୍ୟେ—ଅହେ ନଗରବାସୀ ପ୍ରଜାମାନେ ! ଆଜ ସନ୍ଧ୍ୟା ସମୟରେ ସରଯୂ କୂଳରେ ନିର୍ମିତ ହୋଇଥିବା ଯାଗଶାଳାରେ ଭଗବାନ୍ ବାଲ୍ମୀକି ଅପ୍ସରାମାନଙ୍କଦ୍ୱାରା ଗୋଟିଏ ନାଟକ ଅଭିନୟ କରାଇବେ, ତୁମ୍ଭେମାନେ ସନ୍ଧ୍ୟାସମୟରେ ସେଠାରେ ଉପସ୍ଥିତ ହୋଇ ନାଟକାଭିନୟ ଦର୍ଶନ କରିବ !

୧ମ ଦୃଶ୍ୟ ।

ଗୋଟିଏ ସ୍ତ୍ରୀ ଫୁଲ ଗୁନ୍ଥି ବସିଥିବା ।

ଅନ୍ୟ ଏକ ସ୍ତ୍ରୀ—(ସସମ୍ଭ୍ରମେ ପ୍ରବେଶ ହୋଇ) ହଇଗୋ ସୁନା ! ରାଜାଙ୍କର ଲୋକ ଡିଣ୍ଡିମ ଦେଇ କଅଣ କହି ଗଲେମ ?

୧ମ ସ୍ତ୍ରୀ—ଅଗୋ ! ମହାରାଜ ସରଯୂ କୂଳରେ ଯେଉଁ ଯାଗଶାଳା ନିର୍ମାଣ କରିଅଛନ୍ତି, ସେଠାରେ ବାଲ୍ମୀକି ମୁନି ଗୋଟିଏ ନାଟକ ଅଭିନୟ କରାଇବେ, ଯାହାର ଇଚ୍ଛା ସେ ଯାଇ ସେ ତାମସା ଦେଖିବ ।

୨ୟ—ମହାରାଜ ସିନା ସୀତାକୁ ନେଇ ଯେଉଁ ଯାଗ କରୁଥିଲେ, ସେ ଯାଗ କଅଣ ସରିଲାଣି ?

୧ମା—ହଁ, ଘର ଦିନ ହେଲା ସରିଲାଣି ।

୧ସ୍ତ୍ରୀ—ଚନ୍ଦ୍ରକେତୁ ପୃଥିବୀରେ ଘୋଡ଼ା ବୁଲାଇ ଫେରି ଆସିଲେଣି ?

୨ମା—ହଁ, ସେ ଆସିଲେଣି; ମହାରାଜ, ମହାରାଜଙ୍କ ମାଆମାନେ, ଅରୁନ୍ଧତୀ, ବଶିଷ୍ଠ ଦେବ ଆଉ ରାଜର୍ଷି ଜନକ ଆସିଲେଣି ।

୧ସ୍ତ୍ରୀ—ବାଲ୍ମୀକିଙ୍କ ଯେଉଁ ଶିଷ୍ୟ, ଯୋଡ଼ିକ ଆମ ଏଠଇଁ ସାଇ ସାଇ ଗୀତ ଗାଇ ବୁଲୁଥିଲେ, ସେ ଯୋଡ଼ିକ ନୂଆ ନାଟକ କରିବେ ?

୨ମା—ନାହିଁ, ରଙ୍ଗଘର ଲୋକ କହୁଚନ୍ତି ପରା ସ୍ୱର୍ଗରୁ ଅପସରାମାନେ ଆସି ଏ ନାଟକ ଅଭିନୟ କରିବେ ।

୧ସ୍ତ୍ରୀ—ସେ ଋଷିପିଲା ଯୋଡ଼ିକୁ ଆମ ଏଠା ଲୋକେ ସୀତାଦେବୀଙ୍କ ପୁଅ ବୋଲି କହୁଚନ୍ତି ।

୨ମା—ହଁ, ସେ ଦୁହିଙ୍କ ମୁହଁ ସୀତାଦେବୀଙ୍କ ମୁହଁ ପରି ଦେଖା ଯାଉଚି, ଆଉ ଲକ୍ଷ୍ମଣ ସୀତାଦେବୀଙ୍କୁ ନେଇ ଏହି ବାଲ୍ମୀକିଙ୍କ ଆଶ୍ରମ ନିକଟରେ ଛାଡ଼ିଦେଇ ଆସିଥିଲେ, ଏ ହେତୁରୁ ଲୋକେ ଏ ଦୁହିଁଙ୍କୁ ସୀତାଦେବୀଙ୍କ ପୁଅ ହେବେ ବୋଲି ଅନୁମାନ କରୁଚନ୍ତି ।

୧ସ୍ତ୍ରୀ—ସେ ଯୋଡ଼ିକ ଏବେ ଆମ୍ଭ ସାଇ ଆଡ଼କୁ ଗୀତ ଗାଇବାକୁ ଆସୁ ନାହାନ୍ତି କାହିଁକି ?

୨ମା—ସେ ଯୋଡ଼ିକ ଯାଇ ଏବେ ନଅରରେ ଗୀତ ଗାଉଚନ୍ତି ।

୧ସ୍ତ୍ରୀ—ସେ ଦୁହେଁ ନଅରରୁ ଅନେକ ଟଙ୍କା ପାଇବେ ।

୨ମା—କେହି କିଛି ଦେଲେ ସେମାନେ ନେଉ ନାହାନ୍ତି, ଗୀତ ଗାଇବାକୁ କହିଲେ କି ଖାଇ ନ ପିଇ ସନ୍ଧ୍ୟାବେଳ ଯାଏ ବସି ଗୀତ ଗାଉଚନ୍ତି ।

୧ସ୍ତ୍ରୀ—ତାଙ୍କ ମୁହଁରୁ ସେ ଗୀତ ବଡ଼ ସୁନ୍ଦର ଶୁଭୁଚି ।

୨ମା—ହଁ, ପିଲା କଣ୍ଠ ଆଉ ବାଲ୍ମୀକି ମୁନି ତାଙ୍କୁ ତାନ ଲୟରେ ସେ

ଗୀତ ଗାଇବାକୁ ଶିଖାଇଛନ୍ତି, ତୁମେ ଏ ନାଟକ ଦେଖିବାକୁ ଯିବ ?

୨ୟା—ମାଇପେ କଅଣ ଏ ନାଟକ ଦେଖିବାକୁ ଯିବେ ?

୧ମା—ଦେଖାଣି, ଏ ଫୁଲଗୁନ୍ଥା ଏଠିକ ହୋଇଥାଉ, ଥାଉ ମର୍ତ୍ତିଙ୍କ ସର୍ପିଙ୍କୁ ଯାଇ ଫେରି ଆସିବା । (ଫୁଲଗୁଣ୍ଠି ଥୋଇ ଉଠିବା)

୨ୟା—ହଉ ଆସ । (ଉଭୟଙ୍କର ପ୍ରସ୍ଥାନ) ଯବନିକା ।

ପ୍ରଥମ ଦୃଶ୍ୟ ।

ରଙ୍ଗଭୂମି ।

ଲକ୍ଷ୍ମଣ—(ଦ୍ୱାରଦେଶରେ ଦଣ୍ଡାୟମାନ ହୋଇ) ଅହେ ଦର୍ଶକମାନେ ! ବର୍ତ୍ତମାନ ନାଟକାଭିନୟ ଆରମ୍ଭ ହେବ, ଆପଣମାନେ ଆସନ ପରିଗ୍ରହ କରନ୍ତୁ ।

ରାମ—(ପ୍ରବେଶ ହୋଇ) ଦର୍ଶକମାନେ ଯଥାସ୍ଥାନରେ ବସି ଗଲେଣି ?

ଲକ୍ଷ୍ମଣ—ଆଜ୍ଞା, ଆପଣ ସିଂହାସନ ଗ୍ରହଣ କରନ୍ତୁ ।

ରାମ—ବତ୍ସ ! ଲବ କୁଶ ଦୁହିଙ୍କୁ ଚନ୍ଦ୍ରକେତୁର ସମାନ ଆସନରେ ବସାଇ ଦିଅ ।

ଲକ୍ଷ୍ମଣ—ଆପଣ ସେ ଦୁହିଙ୍କୁ ବିଶେଷ ସ୍ନେହ କରୁଥିବାର ଦେଖି ଆମ୍ଭେ ସେହିପରି କରିଅଛୁଁ ।

ରାମ—(ଆସନରେ ବସିବା)

ଲକ୍ଷ୍ମଣ—(ନିକଟରେ ବସିବା)

ରାମ—ଅଭିନୟ ଆରମ୍ଭ କର ।

ସୂତ୍ରଧାର—(ପ୍ରବେଶ ହୋଇ) ଅହେ ଦର୍ଶକମାନେ ! ପ୍ରକୃତାର୍ଥବାଦୀ ଭଗବାନ୍ ବାଲ୍ମୀକି ଜ୍ଞାନଦୃଷ୍ଟିରେ ନାଟକ ଛଳରେ ଅତ୍ୟନ୍ତ କରୁଣରସମୟ ଗୋଟିଏ ନାଟକ ଏଠାରେ ଅଭିନୟ କରାଇବେ, ଆପଣମାନେ ମନୋନିବେଶ କରିଥାନ୍ତୁ ।

ନେପଥ୍ୟେ—ହା ଆର୍ଯ୍ୟପୁତ୍ର ! ହା କୁମାର ଲକ୍ଷ୍ମଣ ! ଏ ମହାରଣ୍ୟରେ ମୁଁ ଏକାକିନୀ ଅତି ଅଶରଣା ହୋଇ ରୋଦନ କରୁ କରୁ ମୋର ଅସହ୍ୟ ପ୍ରସବ-ବେଦନା ଜାତ ହେଲା, ଏହି ସମୟରେ ମତେ ହିଂସ୍ରଜନ୍ତୁମାନେ ଖାଇବାକୁ ଗୋଡ଼ାଇବାରୁ ମୁଁ ଭୟରେ ଗଙ୍ଗାରେ ଝାମ୍ପ ଦେଲି !

ସୂତ୍ରଧାର—ଜନକଙ୍କ କନ୍ୟା ସୀତାଦେବୀଙ୍କୁ ମହାରାଜ ମହାରଣ୍ୟରେ ପରିତ୍ୟାଗ କଲେ, ସେଠାରେ ବଣରେ ତାହାଙ୍କର ନୂତନ ପ୍ରସବ-ବେଦନା ଜାତ ହେଲା, ଏହି ସମୟରେ ହିଂସ୍ରଜନ୍ତୁମାନେ ତାହାଙ୍କୁ ଖାଇବାକୁ ଗୋଡ଼ାଇବାରୁ ସେ ଅନନ୍ୟଗତିକା ହୋଇ ଗଙ୍ଗାରେ ଝାମ୍ପ ଦେଲେ ।

ରାମ—ହା ଦେବି ! ମୋହି ହେତୁରୁ କି ତୁମ୍ଭର ଏହି ପରିଣାମ ହେଲା ?
(ମୂର୍ଚ୍ଛା)

ଲକ୍ଷ୍ମଣ—ଦେବ ! ଶାନ୍ତ ହୁଅନ୍ତୁ, ଶାନ୍ତ ହୁଅନ୍ତୁ, ନାଟକ ଏ ।

ଦ୍ୱିତୀୟ ଦୃଶ୍ୟ ।

(ଗଙ୍ଗା ପୃଥିବୀ ଦୃଶ୍ୟମାନା, ତଳେ ସଦ୍ୟଜାତ ଶିଶୁ ଯୋଡ଼ିଏ ଓ ସୀତା)

ରାମ—ଲକ୍ଷ୍ମଣ ! ଏ ନାଟକର ମର୍ମମତେ କହି ବୁଝା ନ ପଡ଼ିବାରୁ ମୋ ଦେହ କମ୍ପନ ହେଇ ଯାଉଛି, ମତେ ଧର ।

ସୀତା—ଉଃ ! ମୋ ଦେହ କମ୍ପନ ହେଇ ଯାଉଛି !

ଗଙ୍ଗା—ବୈଦେହି ! ତୁମ୍ଭେ ବଡ଼ ଭାଗ୍ୟବତୀ, ରଘୁବଂଶର ଉପଯୁକ୍ତ ପୁତ୍ର ଯୋଡ଼ିଏ ପ୍ରସବ କଲ ।

ଲକ୍ଷ୍ମଣ—ଆର୍ଯ୍ୟ ! ଆର୍ଯ୍ୟ ! ଦୈବ ଅନୁକୂଳ ହୋଇଅଛି, ରଘୁବଂଶର ମଙ୍ଗଳାଙ୍କୁର ଯୋଡ଼ିଏ ଉତ୍ପନ୍ନ ହୋଇଅଛନ୍ତି । ଅରେ ! ଆର୍ଯ୍ୟ ତ ତାହିଁକି ଲୋଚନପୂର୍ଣ୍ଣ ଚକ୍ଷୁରେ ମୁଗ୍ଧ ହୋଇ ରହି ଯାଇଅଛନ୍ତି !
(ମୂର୍ଚ୍ଛା)

ସୀତା—ଉଃ ! ମୋ ଦେହ କଅଣ ହୋଇ ଯାଉଅଛି ।

ଗଙ୍ଗା—ବତ୍ସେ ! ଶାନ୍ତ ହୁଅ, ଧୈର୍ଯ୍ୟ ଧର ।

ସୀତା—(ଚାହିଁ) ତୁମ୍ଭେ କିଏ ? ଏ କିଏ ?

ପୃଥିବୀ—ଏ ତୁମ୍ଭ ଶ୍ୱଶୁରକୁଳ ଦେବତା ଭାଗୀରଥୀ ଦେବୀ ।

ସୀତା—ଦେବି ! ପ୍ରଣାମ ।

ଗଙ୍ଗା—ତୁମ୍ଭ ସଚ୍ଚରିତ୍ରତାନୁସାରେ କଲ୍ୟାଣ ସନ୍ତତି ଲାଭ କର । ଏ ତୁମ୍ଭ ମାତା ବସୁନ୍ଧରା ଦେବୀ ।

ସୀତା—(ଚାହିଁ ସକରୁଣେ) ମା ! ମୋହର ଏ ଦୁର୍ଗତି ଦେଖିଲୁ ?

ଲକ୍ଷ୍ମଣ—ଯାହାହେଉ, ଏ ଦୁଃସମୟରେ ଗଙ୍ଗା ଆଉ ପୃଥିବୀ ଦୁହେଁ ଦେବୀଙ୍କ ନିକଟରେ ଥିଲେ ।

ପୃଥିବୀ—(ସାଶ୍ରୁ) ଗଙ୍ଗେ ! ରାମଚନ୍ଦ୍ର କଣ କଲେ ? ଅକାରଣରେ ମୋ ଝିଅକୁ ନିର୍ବାସିତା କରି କେତେ ଦୁଃଖ ଦେଇଲେ ।

ଗଙ୍ଗା—ଅଗୋ ! ଭବିତବ୍ୟଦୈବୀଦୁର୍ବିପାକ ହସ୍ତରୁ କେହି ପ୍ରାଣୀ ମୁକ୍ତି ଲାଭ କରି ପାରନ୍ତି ନାହିଁ ।

ପୃଥିବୀ—ଭାଗୀରଥି ! ଆଉ କହୁଚ ? ରାମଚନ୍ଦ୍ରଙ୍କର କଅଣ ଏପରି କରିବା ଉଚିତ ହୋଇଚି ? ବିଧିରେ ବିବାହ ହୋଇଥିବା ଧର୍ମ୍ମାକୁ କି ଛାଡ଼ି ଦେଲେଣି ? ମୋ ଝିଅ ଯେ ତାଙ୍କ ଆଗରେ ଅଗ୍ନିପରୀକ୍ଷା ଦେଇଥିଲା, ସେ କଥାକୁ ସେ କଅଣ ଭୁଲି ଗଲେ ? ମୋ ଝିଅ ତାଙ୍କୁ ଏତେ ସ୍ନେହ କରେ ବନକୁ ଗଲାବେଳେ ତାଙ୍କ ପଛେ ପଛେ ଗୋଡ଼ାଇ ଯାଇଥିଲା, ସେ ଏତେ ନିଷ୍ଠୁର ଯେ ମୋ ଝିଅ ଆସନ୍ନପ୍ରସବା ଥିବା ସମୟରେ ହିଂସ୍ରଜନ୍ତୁପୂର୍ଣ୍ଣ ମହାରଣ୍ୟରେ ଛାଡ଼ିଦେଲେ ?

ସୀତା—(ସକରୁଣେ) ଆର୍ଯ୍ୟପୁତ୍ର ତାହାନ୍ତି ?

ପୃଥିବୀ—ଆଃ ! କିଏ ତୋ ଆର୍ଯ୍ୟପୁତ୍ର !

ସୀତା—ହଁ, ମା ଠିକ୍ କହୁଚନ୍ତି ।

ରାମ—(ସକରୁଣେ) ହଁ, ମୁଁ ଅର୍ପିଣ୍ୟତକୁ ଯୋଗ୍ୟ ନୁହେ ।

ଗଙ୍ଗା—ବସୁନ୍ଧରେ ! ତୁମ୍ଭେ ଜଗତର ଶରୀରରୂପା, ବତ୍ସ ଜାଣି ନ ପାରିଲା ପରି ତୁମ୍ଭ ଯୋଗ୍ୟଙ୍କ ଉପରେ କାହିଁକି ରାଗ କରୁଛ ? ପ୍ରଜାମାନଙ୍କ ମଧ୍ୟରେ ତ ଅଶ୍ରାବ୍ୟ ଅକୀର୍ତ୍ତି ବ୍ୟାପ୍ତ ହେଲା, ବତ୍ସ ତ୍ୟାଗ କରନ୍ତେ ? ଲଙ୍କାରେ ଯେଉଁ ଅଗ୍ନି ପରୀକ୍ଷା ହୋଇଥିଲା, ତାହା ଅନେକ ଦୂରରେ ହୋଇଥିଲା, ଏଠା ଲୋକେ ତାହା ଦେଖି ନ ଥିଲେ, କିପରି ବିଶ୍ୱାସ କରନ୍ତେ ? ଅତି ସୂର୍ଯ୍ୟବଂଶୀୟ ରାଜାମାନଙ୍କର ପ୍ରଜାରଞ୍ଜନବ୍ରତ କୁଳଧନ ଅଟେ, ତାହା ତ ପାଳିବାକୁ ପଡ଼ିବ, ଏଥିରେ କି ଦୋଷ ? ତୁମ୍ଭେ ତାହାଙ୍କଠାରେ ପ୍ରସନ୍ନ ହୁଅ ।

ପୃଥିବୀ—ଭଗବତି ! ମୁଁ ସବୁବେଳେ ତାହାଙ୍କଠାରେ ପ୍ରସନ୍ନ ଥାଏଁ, ମୁଁ ସୀତାକୁ ଅତିଶୟ ସ୍ନେହ କରେ ବୋଲି ତାହାର ଏ ଦୁଃଖ ଦେଖି ଏପରି କହିଲି, ରାମଚନ୍ଦ୍ରଙ୍କର ମୋ କନ୍ୟାଠାରେ କିପରି ସ୍ନେହ ତାହା କି ମୁଁ ଜାଣେ ନାହିଁ ? ସେ ମୋ କନ୍ୟାକୁ ନିର୍ବାସିତା କରି ଆଜି ପର୍ଯ୍ୟନ୍ତ ଯେ ଜୀବିତ ଅଛନ୍ତି, ତାହା କେବଳ ପ୍ରଜାମାନଙ୍କ ସୁକୃତର ଫଳ କହିବାକୁ ହେବ ।

ସୀତା—ମା ! ମତେ ତୋ କୋଳରେ ଲୀନ କର, ମୁଁ ଆଉ ଯାତନା ସହି ପାରିବି ନାହିଁ ।

ପୃଥିବୀ—ଏପରି କାହିଁକି କହୁଛୁ ? ଏ ପିଲା ଦୁହିଙ୍କୁ ମନୁଷ୍ୟ କରିବୁ ।

ସୀତା—ମୁଁ ଅନାଥା, ମୁଁ କିପରି ଏ ଦୁହିଙ୍କୁ ମନୁଷ୍ୟ କରିବି ?

ଗଙ୍ଗା—ତୁମ୍ଭେ ସନାଥା, ଅନାଥା ବୋଲି କହୁଛ ?

ସୀତା—ମୁଁ କୁଳଟା, ମୁଁ କାହୁଁ ସନାଥା ହେବି ?

ଗଙ୍ଗା—ତୁମ୍ଭ ସଂସର୍ଗରେ ଆମ୍ଭେ ଦୁହେଁ ପବିତ୍ର ହେଉଅଛୁଁ, ତୁମ୍ଭେ ନିଜକୁ କାହିଁକି ଅପବିତ୍ରା ବୋଲି ସ୍ୱୀକାର କରୁଛ ? ତୁମ୍ଭର ଏ ପୁତ୍ର ଦୁହେଁ ରାମଚନ୍ଦ୍ରଙ୍କ ସଦୃଶ ହେବେ, ଏଣିକି ଆଉ ତୁମ୍ଭର କି ଦୁଃଖ ?

ସୀତା—ମୋ ପୁଅ ଦୁହିଙ୍କୁ କି ଏଠାରେ ଷଡ଼ିଧ ବିଦ୍ୟା ଶିକ୍ଷା ପ୍ରଦାନ କରିବ ?

ଗଙ୍ଗା—ଏଥିପାଇଁ ଚିନ୍ତା କର ନାହିଁ, ଦୁଧ ଛାଡ଼ିଗଲାକ୍ଷଣି ନେଇ ଏ ଦୁହିଙ୍କୁ ବାଲ୍ମୀକିଙ୍କ ଆଶ୍ରମରେ ଛାଡ଼ି ଦେଇ ଆସିବା, ଏ ଦୁହିଙ୍କୁ ସେ ସମସ୍ତ ଷଡ଼ିଧ୍ୱେତର ଶିକ୍ଷା ପ୍ରଦାନ୍ କରିବେ ।

ଲକ୍ଷ୍ମଣ—ଆର୍ଯ୍ୟ ! ଏ ଲବ କୁଶ ଦୁହେଁ ବାଲ୍ମୀକିଙ୍କ ଆଶ୍ରମରେ ଶିକ୍ଷା ଲାଭ କରୁଅଛନ୍ତି, ବୋଧହୁଏ ଏ ଦୁହେଁ ଦେବୀଙ୍କ ପୁତ୍ର ହେବେ ।

ରାମ—ମୋ ମନରେ ମଧ୍ୟ ସେହି ସନ୍ଦେହ ଜନ୍ମୁଅଛି ।

ସୀତା—ମା ! ମତେ ତୋ ଅଙ୍ଗରେ ଲୀନ କର, ମୁଁ ଆଉ ସାଂସାରିକ ଦୁଃଖ ସହି ପାରିବି ନାହିଁ ।

ପୃଥିବୀ—ଏ ପିଲା ଦୁହେଁ ଦୁଧ ଛାଡ଼ିବାଯାଏ ଅପେକ୍ଷା କର, ତେଣିକି ତୋର ଯାହା ଇଚ୍ଛା ତା କରିବୁ ।

ଗଙ୍ଗା—ହିଁ, ସେହି କଥା କର, ଆସ ସିନା ପିଲା ଦୁହିଙ୍କ ଶୁଶ୍ରୂଷା କରିବା । (ଗୋଟିଏ ପିଲାକୁ ଗଙ୍ଗାଦେବୀ ଆଉ ଗୋଟିଏକୁ ପୃଥିବୀଦେବୀ ଧରି ସୀତାଙ୍କ ସହ ପ୍ରସ୍ଥାନ)

ରାମ—ହା ଦେବ ! ମୋ ହେତୁରୁ କି ତୁମ୍ଭର ଏହି ଦୁର୍ଗତି ହେଲା ! (ସ୍ୱେଦନ)

ଲକ୍ଷ୍ମଣ—ମହର୍ଷେ ! ଆପଣ ଆର୍ଯ୍ୟଙ୍କୁ ଅଧିକ ଦୁଃଖିତ କରାଇବେ ବୋଲି କି ଏ ନାଟକ ଅଭିନୟ କରାଉଥିଲେ ?

ନେପଥ୍ୟେ—ଅହେ ଜଗତ୍‌ପୂଜ୍ୟା ଅରୁନ୍ଧତି ! ଆମ୍ଭେ ଗଙ୍ଗା ପୃଥିବୀ ଦୁହେଁ ତୁମ୍ଭଙ୍କୁ ଏ ପୁଣ୍ୟଶୀଳା ଜାନକୀଙ୍କୁ ଅର୍ପଣ କଲୁଁ, ତୁମ୍ଭେ ଏହାଙ୍କୁ ନେଇ ରାମଚନ୍ଦ୍ରଙ୍କୁ ପ୍ରଦାନ କର ।

ଲକ୍ଷ୍ମଣ—ଆର୍ଯ୍ୟ ! ଆର୍ଯ୍ୟ ! ସୀତାଦେବୀଙ୍କୁ ସଙ୍ଗରେ ନେଇ ଅରୁନ୍ଧତୀ ଦେବୀ ଏଣିକି ଆସୁଅଛନ୍ତି ।

(ସୀତାଙ୍କ ସହ ଅରୁନ୍ଧତୀ ଦେବୀ ପ୍ରବେଶ ହେବା)

ସମସ୍ତେ—ପ୍ରଣାମ କରବା ।

ଅରୁନ୍ଧତୀ—ସମସ୍ତଙ୍କର ମଙ୍ଗଳ ହେଉ, ବତ୍ସ ରାମଚନ୍ଦ୍ର ! ଗଙ୍ଗା ପୃଥିବୀ ଦୁହେଁ ଏ ଜାନକୀ ସଚ୍ଚରିତ୍ରା ଥିବାର ସପ୍ରମାଣ କରି ତୁମ୍ଭଙ୍କୁ ପ୍ରଦାନ କରିବା ନିମିତ୍ତ ଅମ୍ଭ ଜିମା ଦେଇଅଛନ୍ତି, ଅମ୍ଭେ କହୁଅଛୁଁ, ତୁମ୍ଭେ ମନରେ କିଛି ଆଶଙ୍କା ନ ରଖି ତୁମ୍ଭର ଏ ଧର୍ମପତ୍ନୀଙ୍କୁ ଗ୍ରହଣ କର ।

ରାମ—ମାତଃ ! ଜାନକୀଙ୍କ ଚରିତ୍ର ଶ୍ରେଷ୍ଠ ଏହା ମୁଁ ଜାଣେ, କିନ୍ତୁ ପ୍ରଜାମାନେ ନ କହିଲେ ମୁଁ କିପରି ଗ୍ରହଣ କରିବି ?

ଅରୁନ୍ଧତୀ—ଅହେ ନଗରବାସୀ ପ୍ରଜାମାନେ ! ଗଙ୍ଗା ପୃଥିବୀ ଦୁହେଁ ଏ ଜାନକୀ ପରିଶୁଦ୍ଧା ଥିବାର ସପ୍ରମାଣ କରି ରାମଚନ୍ଦ୍ରଙ୍କୁ ସମର୍ପଣ କରିବା ନିମିତ୍ତ ଅମ୍ଭ ଜିମା ଦେଇଅଛନ୍ତି, ଏବେ ଏହାଙ୍କୁ ରାମଚନ୍ଦ୍ର ଗ୍ରହଣ କରନ୍ତୁ, ତୁମ୍ଭମାନଙ୍କର କି ମତ ?

ସମସ୍ତେ—(ନୀରବ)

ରାମ—ମାତଃ ! ଲଙ୍କାଦ୍ୱୀପରେ ଯେଉଁ ଅଦ୍ଭୁତ ଅଗ୍ନିପରୀକ୍ଷା ହୋଇଥିଲା, ତାହା ଅମ୍ଭ ପ୍ରିୟ ପ୍ରଜାମାନେ କେହି ଦେଖି ନାହାନ୍ତି, ଅତଏବ ଅମ୍ଭେ କହୁଚୁଁ, ଜାନକୀ ପରିଶୁଦ୍ଧା ଥିବାର ଏମାନଙ୍କ ସମକ୍ଷରେ ଅପର ଥରେ ପ୍ରମାଣ ଦିଅନ୍ତୁ ।

ଅରୁନ୍ଧତୀ—ବତ୍ସେ ! ପ୍ରଜାରଞ୍ଜନ ବ୍ରତ ତୁମ୍ଭ କୁଳର ପରମ ଧର୍ମ ଅଟେ, ଅତଏବ ପ୍ରଜାମାନଙ୍କ ବିଶ୍ୱାସ ନିମିତ୍ତ ଅପର ଥରେ ପ୍ରମାଣ ଦିଅ ।

ସୀତା—(ଅଗ୍ରସର ହୋଇ ସକରୁଣେ ଓ ସଙ୍କୋଚେ) ଅହେ ପ୍ରଜାବର୍ଗ ! ଅମ୍ଭେ ରାମଚନ୍ଦ୍ରଙ୍କ ଭିନ୍ନ ଅନ୍ୟ କାହାରିକୁ ମନରେ ସ୍ଥାନ ଦେଇ ନାହୁଁ, ଏହି ସତ୍ୟ ବଳରେ ଭଗବତୀ ପୃଥିବୀ ଦେବୀ ବିଦୀର୍ଣ୍ଣ ହୋଇ ଯାଆନ୍ତୁ, ଅମ୍ଭେ କାୟମନୋବାକ୍ୟରେ

ଅଜ ପର୍ଯ୍ୟନ୍ତ ରାମଚନ୍ଦ୍ରଙ୍କ ଚିନ୍ତାରେ କାଳଯାପନ କରୁଅଛି, ଏହା ସତ୍ୟ ହେଲେ ଭଗବତୀ ବସୁନ୍ଧରା ଦେବୀ ବିଦୀର୍ଣ୍ଣ ହୋଇ ଯାଆନ୍ତୁ, ଅମ୍ଭେ ଲଙ୍କାଦ୍ୱୀପରେ ପରାଧୀନା ଥାଇ ସୁଦ୍ଧା ମନରେ ଅନ୍ୟ କାହାରିକୁ ସ୍ଥାନ ଦେଇ ନାହିଁ, ଏହା ସତ୍ୟ ହେଲେ ଭଗବତୀ ବସୁନ୍ଧରା ଦେବୀ ବିଦୀର୍ଣ୍ଣ ହୋଇ ଆମ୍ଭଙ୍କୁ ତାହାଙ୍କ ଗର୍ଭ ମଧ୍ୟରେ ସ୍ଥାନ ଦିଅନ୍ତୁ ।

(ପୃଥିବୀ ବିଦୀର୍ଣ୍ଣ ହୋଇ ଯିବା)

ଲକ୍ଷ୍ମଣ—ଆର୍ଯ୍ୟ ! ଦେଖନ୍ତୁ, ଜାନକୀଙ୍କ ସତ୍ୟ ବଚନରେ ବସୁନ୍ଧରା ଦେବୀ ବିଦୀର୍ଣ୍ଣ ହୋଇ ଗଲେ ।

ସୀତା—ଶ୍ୱଶୁରକୁଳ ଦେବତାଙ୍କୁ ପ୍ରଣାମ, ସକଳ ଗୁରୁଜନମାନଙ୍କୁ ପ୍ରଣାମ, ଆର୍ଯ୍ୟପୁତ୍ରଙ୍କ ପାଦପଦ୍ମ ଦୁହିଙ୍କୁ ପ୍ରଣାମ ।

(ଭୂଗର୍ଭ ମଧ୍ୟକୁ ଡେଇଁ ପଡ଼ିବା ।)

ରାମ—ହା ଦେବ ! ଶାନ୍ତିଶୀଳବତେ ! ତୁମ୍ଭେ କ୍ରୂରକର୍ମା ରାମ ଲାଗି ଭୂଗର୍ଭରେ ପ୍ରବେଶ କଲ ?

ବାଲ୍ମୀକି—(ଦଣ୍ଡାୟମାନ ହୋଇ) ମହାରାଜ ! ଅତି ଦୁଃଖିତ ହେଲେ କଅଣ ହେବ ? ମୋହରେ ଜଡ଼ିତ ହୋଇ ବୃଥା ପ୍ରାକୃତ ପୁରୁଷ ପରି ଦୁଃଖିତ ହେଉଅଛ ? ତୁମ୍ଭର ସ୍ୱରୂପ ଜ୍ଞାନ ହେଉ ନାହିଁ ? ପୂର୍ବେ ତୁମ୍ଭେ କଅଣ ଥିଲ, କାହିଁକି ମାନବ ଦେହ ଧାରଣ କରିଅଛ ? ସ୍ମରଣ କର, ଦେବକାର୍ଯ୍ୟ ସାଧିତ ହୋଇଅଛି, ଦେବତାମାନେ ତୁମ୍ଭ ଦର୍ଶନପ୍ରାର୍ଥୀ ହୋଇ ଅଛନ୍ତି, ଏଣିକି ଯାହା କର୍ତ୍ତବ୍ୟ ତାହା କର । ବତ୍ସ କୁଶ ଲବ, ଏଠାକୁ ଆସ ।

କୁଶ ଲବ—(ନିକଟକୁ ଆସିବା)

ବାଲ୍ମୀକି—ବତ୍ସ କୁଶ ଲବ ! ଏ ମହାରାଜ ତୁମ୍ଭ ପିତା, ଏ ଲକ୍ଷ୍ମଣ ତୁମ୍ଭ କନିଷ୍ଠ ପିତା, ଏ ରାଜର୍ଷି ଜନକ ତୁମ୍ଭ ଦୁହିଁଙ୍କର ଅଜା ଅଟନ୍ତି, ଏମାନଙ୍କୁ ପ୍ରଣାମ କର ।

ଲବ କୁଶ—ପ୍ରଣାମ କରିବା ।

ବାଲ୍ମୀକି—ମହାରାଜ ! ଏ କୁଶ ଲବ ଦୁହେଁ ଆମ୍ଭ ଆଶ୍ରମରେ ଥାଇ କ୍ଷତ୍ରିୟ ବିଧାନାନୁସାରେ ସଂସ୍କୃତ ହୋଇ ଶିକ୍ଷା ଲାଭ କରି ଅଛନ୍ତି, ମନରେ କିଛି ଆଶଙ୍କା ନ କରି ଗ୍ରହଣ କର ।

ରାମ—(ଦଣ୍ଡାୟମାନ ହୋଇ) ଏ ଦୁହେଁ ଆପଣଙ୍କଦ୍ୱାରା ଉତ୍ତମ ସଂସ୍କୃତ ହୋଇଅଛନ୍ତି, ଆମ୍ଭେ ଅବଶ୍ୟ ଏ ଦୁହିଁଙ୍କୁ ଗ୍ରହଣ କରିଲୁଁ । (କର ପ୍ରସାରଣପୂର୍ବକ କୋଳରେ ଧରିବା)

ଲକ୍ଷ୍ମଣ—ମହର୍ଷେ ! ଆପଣଙ୍କ ଅନୁଗ୍ରହରୁ ଆମ୍ଭେ ଏ ଦୁହିଙ୍କୁ ପ୍ରାପ୍ତ ହେଲୁଁ ।

ଚନ୍ଦ୍ରକେତୁ—(ଆସନରୁ ଉଠି ଆସି) ଭ୍ରାତୃଦ୍ୱୟ ! ଆସ କୋଳାକୋଳି ହେବା । (ତଥା ଅଭିନୟ)

ବାଲ୍ମୀକି—ଆମ୍ଭେ ଯେଉଁ ଉଦ୍ଦେଶ୍ୟରେ ଏ ନାଟକ ଅଭିନୟ କରାଇ-ଥିଲୁଁ, ତାହା ସାଧିତ ହୋଇଅଛି, ତୁମ୍ଭେ ତୁମ୍ଭର ଏ ପୁତ୍ରଦ୍ୱୟଙ୍କୁ ନେଇ ଆନନ୍ଦ ଅନୁଭବ କର, ଆମ୍ଭେ ତପଶ୍ଚରଣାର୍ଥ ଆଶ୍ରମକୁ ଯାଉଅଛୁଁ । (ପ୍ରସ୍ଥାନ)

ସମସ୍ତେ—ପ୍ରଣାମ କରିବା ।

ରାମ—(ଉଠି) ବର୍ତ୍ତମାନ ସଭା ଭଙ୍ଗ କରାଯାଉ ।

ସମସ୍ତେ—ଯେ ଆଜ୍ଞା । (ପରଦାପତନ)

ଇତି ପଞ୍ଚମ ଅଙ୍କ ।

—:o:—

୬ଷ୍ଠ ଅଙ୍କ ।

ଦୁଇ ଜଣ ଭିକ୍ଷୁକ ବ୍ରାହ୍ମଣଙ୍କର ପ୍ରବେଶ ।

୧ମ—ମିତ୍ରେ ! ଦିନ ଶେଷ ହେଉଛି, ଆସ ଏ ବୃକ୍ଷଛାୟାରେ ଟିକିଏ ବସିବା ।

୨ୟ—ହଉ, ଆସ । (ଦୁହେଁ ବୃକ୍ଷମୂଳେ ବସିବା)

୧ମ—ମିତ୍ରେ ! ଆମ୍ଭ ଏ ନୂତନ ମହାରାଜା କୁଶ ବଡ଼ ଦସ୍ତୁର, ଦେଖେ ଧନ ରତ୍ନ ଆଜ ବାଣ୍ଟି ଦେଲେ । ଆଜ ତ ତାଙ୍କ ଭଣ୍ଡାର ଖାଲି ହୋଇ ଯାଇଥିବ ।

୨ୟ—ଅହେ ! ସେ ଋଷିମାନଙ୍କ ସଂସର୍ଗରେ ବଢ଼ିଥିବାରୁ ଏପରି ଦୟାର୍ଦ୍ର ହୃଦୟ ହୋଇଅଛନ୍ତି, ଆଉ ସେ ଏ ଧନ ରତ୍ନର ମୂଲ୍ୟ ଜାଣନ୍ତି ନାହିଁ ।

୧ମ—ଉତ୍ତରକୋଶଳରେ ଲବ ମଧ୍ୟ ଏହିପରି ଧନରତ୍ନ ବାଣ୍ଟିଥିବେ ।

୨ୟ—ହଁ, ସେ ବାଣ୍ଟି ନ ଥିବେ କପଣ ? ସେ ଉତ୍ତରକୋଶଳରେ ରାଜା ହୋଇଅଛନ୍ତି ।

୧ମ—ଆମ୍ଭ ମହାରାଜ ରାମଚନ୍ଦ୍ର ତ ମରି ନାହାନ୍ତି, ସେ ସଶରୀରେ ସରଯୂରେ ପ୍ରବେଶ କରିଥିଲେ, ଆଜ କୁଶ କପର ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା କଲେ ?

୨ୟ—ରାମଚନ୍ଦ୍ର ମରି ନ ଥିବେ ଆଉ କପଣ ? ସେ କପଣ ଆଉ ଫେରି ଆସିବେ ? ମହାପୁରୁଷମାନେ ଏହିପରି ନିଜ ଇଚ୍ଛାରେ ଦେହ ଛାଡ଼ନ୍ତି ।

୧ମ—ସୀତାଦେବୀ ଭୂଗର୍ଭରେ ପ୍ରବେଶ କଲା ଦିନୁଁ ରାମଚନ୍ଦ୍ର ଦେହ ଛାଡ଼ିବେ ବୋଲି ମନେ ମନେ ସ୍ଥିର କରିଥିଲେ, ସେହି ହେତୁରୁ ଜୀଇଁ ଥାଉଁ ଥାଉଁ କୁଶଙ୍କୁ ଅଯୋଧ୍ୟାରେ ଲବଙ୍କୁ ଉତ୍ତରକୋଶଳରେ ଆଉ ଚନ୍ଦ୍ରକେତୁ ପ୍ରଭୃତି ପୁତ୍ରମାନଙ୍କୁ ପୃଥିବୀର ଅନ୍ୟାନ୍ୟ ସ୍ଥାନରେ ରାଜା କରାଇ ଦେଇଥିଲେ ।

୨ୟ—ହଁ, ସୀତାଦେବୀ ଭୂଗର୍ଭରେ ପ୍ରବେଶ କଲା ଦିନୁଁ ତାଙ୍କର ଏ ସଂସାରରୁ ମନ ଛାଡ଼ି ଯାଇଥିଲା ।

୧ମ—ହଉ ହେ ! ସେ ଦିନ ରାମଚନ୍ଦ୍ର ସରଯୂରେ ପଶି କୁଆଡ଼େ ଗଲେ ?

୨ୟ—ଆଉ କୁଆଡ଼େ ଯାଆନ୍ତେ ? ସ୍ୱର୍ଗକୁ ଗଲେ ।

୧ମ—ସେ ସ୍ୱର୍ଗକୁ କପର ଗଲେ ? ସ୍ୱର୍ଗ ପର୍ବ ଉପରେ ? ସରଯୂ କଅଣ ସ୍ୱର୍ଗକୁ ଲାଗିଛ ?

୨ୟ—ମୂର୍ଖ ! ସରଯୂ ସ୍ୱର୍ଗକୁ ଲାଗିବା ନ ଲାଗିବାରେ କଅଣ ଅଛି ? ଯେ ସ୍ୱର୍ଗକୁ ଯାଏ ସେ କଅଣ ପାଦରେ ଚାଲିକର ଯାଏ ? ତାହାର ଆତ୍ମା ସ୍ୱର୍ଗକୁ ଅଦୃଶ୍ୟଭାବରେ ଚାଲିଯାଏ ।

୧ମ—ତେବେ ସୀତାଦେବୀଙ୍କ ଆତ୍ମା ତ ସ୍ୱର୍ଗକୁ ଯାଇ ନ ଥିବ ?

୨ୟ - କାହିଁକ ?

୧ମ—ସେ ଭୂଗର୍ଭରେ ପ୍ରବେଶ କଲା ମାତ୍ରକେ ପୃଥିବୀ ମୁଦ ହୋଇ ଯାଇଥିଲା, ତାହାଙ୍କ ଆତ୍ମା ଆଉ କେଉଁବାଟେ ଯାଇଥିବ ?

୨ୟ—ଅରେ ! ଆତ୍ମାର କୌଣସି ଆକୃତି ନାହିଁ, ଯାହାର କୌଣସି ଆକୃତି ଅଛି, ତାକୁ ପାର୍ଥିବ ପଦାର୍ଥମାନେ ଅବରୋଧ କର ରଖି ପାରନ୍ତି ।

୧ମ—ଅଚ୍ଛା, ସେ କଥା ଥାଉ, ମୁଁ ଶୁଣିଛ ରାମଚନ୍ଦ୍ର ଆଉ ସୀତା-ଦେବୀ ସ୍ୱର୍ଗର ଲକ୍ଷ୍ମୀନାରାୟଣ, ଦୁର୍ବୃତ୍ତ ରାବଣକୁ ବନାଶ କରବାପାଇଁ ମର୍ତ୍ତ୍ୟରେ ଜନ୍ମିଥିଲେ, ଏବେ ସିନା ସେ ଦୁହେଁ ଯାଇ ସ୍ୱର୍ଗରେ ଲକ୍ଷ୍ମୀନାରାୟଣ ହୋଇଥିବେ ?

୨ୟ—ହିଁ, ହୋଇ ନ ଥିବେ କଅଣ ? ସେ ଦନ ସୀତାଦେବୀଙ୍କ ପାଇଁ ରାମଚନ୍ଦ୍ର ବକଳ ହୋଇ କାନ୍ଦୁଥିବେଲେ ବାଲ୍ମୀକ ଋଷି କହି-ଥିଲେ ଶୁଣି ନାହିଁ, "ତୁମ୍ଭେ କଏ ? କାହିଁକ ମର୍ତ୍ତ୍ୟରେ ରହି-ଅଛ ? ଦେବତାମାନେ ତୁମ୍ଭ ଦର୍ଶନାଭିଲାଷୀ ହୋଇଅଛନ୍ତି ।" ଏଥିରୁ ବୋଧ ହୁଉଛ, ସେ ଦୁହେଁ ନିଶ୍ଚୟ ସ୍ୱର୍ଗର ଲକ୍ଷ୍ମୀ-ନାରାୟଣ । ବର୍ତ୍ତମାନ ସ୍ୱର୍ଗରେ ଦେବତାମାନଙ୍କଦ୍ୱାରା ପୂଜତ ହେଉଥିବେ । ଆସ, ଖର ମଉଳିଲଣି, ଗାଁକୁ ଯିବା, ବାଟରେ କଥାବାର୍ତ୍ତା ହେବା ।

୧ମ—ତୁଉଁ ଆସ । (ଉଭୟଙ୍କର ପ୍ରସ୍ଥାନ) ଚସମ୍ବ

୧ମ ଦୃଶ୍ୟ ।

ସ୍ୱର୍ଗରେ ସିଂହାସନରେ ଲକ୍ଷ୍ମୀନାରାୟଣ ଆସୀନ,
ଦେବତାମାନେ ସ୍ତୁତି କରୁଥିବା ।

ନାରାୟଣ—ତୁମ୍ଭମାନଙ୍କର ଏ ସ୍ତୁତି ଗାନ ଶୁଣି ଆମ୍ଭେ ଅତ୍ୟନ୍ତ ପ୍ରୀତ ହେଲୁଁ, ତୁମ୍ଭମାନଙ୍କର ରାବଣ ଭୟ ଦୂର ହୋଇଅଛି, ଏବେ ଯେ ଯାହା କାର୍ଯ୍ୟ ନିଃଶଙ୍କ ହୋଇ କରେ କର । ଆମ୍ଭେ ମର୍ତ୍ତ୍ୟରୁ ଯାଇ ବିଶେଷ କ୍ଳାନ୍ତ ଅଛୁଁ, ବିଶେଷରେ ଆମ୍ଭ ଏ ଲକ୍ଷ୍ମୀଦେବୀଙ୍କୁ ବହୁ ବାଧା ହୋଇଅଛି, ସେ ବିଶ୍ରାମପ୍ରାର୍ଥିନୀ ହୋଇଅଛନ୍ତି, ଆମ୍ଭେ ବର୍ତ୍ତମାନ ବୈକୁଣ୍ଠକୁ ଯାଉଅଛୁଁ ।

ପ୍ରଜାପତି—(ହାତଯୋଡ଼ି) ପ୍ରଭୋ! ଆପଣ ଆମ୍ଭମାନଙ୍କ ପ୍ରାର୍ଥନାମତେ ମର୍ତ୍ତ୍ୟରେ ମାନବ ଦେହ ଧାରଣ କରି ଅନେକ କଷ୍ଟ ଭୋଗ କରିବା ହୋଇଅଛନ୍ତି, ଏଥିପାଇଁ ଆମ୍ଭମାନଙ୍କୁ କ୍ଷମା ପ୍ରଦାନ କରିବା ହୁଅନ୍ତୁ ।

ନାରାୟଣ—(ହସି) ହଁ, ଅନେକ କଷ୍ଟ ସହିବାକୁ ହୋଇଅଛି, ଏଥିରେ ତୁମ୍ଭମାନଙ୍କର କିଛି ଦୋଷ ନାହିଁ, ଆମ୍ଭେ ଆମ୍ଭର କର୍ତ୍ତବ୍ୟ କର୍ମ କରିଅଛୁଁ, ସମସ୍ତ ସମୟରେ ଅବତାର ଧାରଣ କରି ଦୁଷ୍ଟ ନାଶନ ଶିଷ୍ଟ ପାଳନ ନ କଲେ ସୃଷ୍ଟି କିପରି ଚଳିବ ?

ଇନ୍ଦ୍ର—ଆପଣ ମର୍ତ୍ତ୍ୟରେ ମାନବ ଦେହ ଧାରଣ କରି ଆମ୍ଭମାନଙ୍କ ପ୍ରାର୍ଥନା ଭୁଲି ଯାଇଥିଲେ, ନାହିଁ କି ନା ଆପଣ ଜନକଙ୍କ ଘରୁ ଲକ୍ଷ୍ମୀଙ୍କୁ ପ୍ରାପ୍ତ ହୋଇ ଅଯୋଧ୍ୟାରେ ଅନେକ ଦିନ ସୁଖ ଭୋଗ କରିବାରେ ମାତିଥିଲେ ।

ନାରାୟଣ—ହଁ, ମର୍ତ୍ତ୍ୟରେ ଆମ୍ଭର ଏ ସ୍ୱର୍ଗ କଥା କିଛି ମନେ ପଡ଼ି ନ ଥିଲା, କିନ୍ତୁ ମର୍ତ୍ତ୍ୟ କଥା ବର୍ତ୍ତମାନ ଆମ୍ଭର ସବୁ ସ୍ମରଣ ହେଉଅଛି ।

ପ୍ରଜାପତି—ଆପଣଙ୍କର ମର୍ତ୍ତ୍ୟରେ ସ୍ୱରୂପ ଜ୍ଞାନ ନ ଥିଲା, ଆପଣ ପ୍ରାକୃତ

ମନୁଷ୍ୟ ପରି ସୁଖରେ ସୁଖୀ ଦୁଃଖରେ ଦୁଃଖୀ ହେଉଥିଲେ, ଆପଣ ଦେବତାମାନଙ୍କର ପ୍ରାର୍ଥନା ପୂର୍ଣ୍ଣ କରିବାରେ ତତ୍ପର ନ ହୋଇ ଲକ୍ଷ୍ମୀଙ୍କ ସହ ଅଯୋଧ୍ୟାରେ ଆସି ଘର ସୁଖ ଭୋଗରେ କାଳଯାପନ କରିବାର ଦେଖି ଆମ୍ଭମାନେ ସ୍ଥିର କରିଥିଲୁଁ ଯେ, ପ୍ରଭୁ ମାନବ ଦେହ ଧାରଣ କରିଥିବାରୁ, ମର୍ତ୍ତ୍ୟରେ ମାୟାଜଡ଼ିତ ହୋଇ ଆମ୍ଭମାନଙ୍କର ପ୍ରାର୍ଥନା ଭୁଲି ଯାଉଅଛନ୍ତି, ତେଣୁ ଆମ୍ଭମାନେ ପରାମର୍ଶ କରି ନାରଦଙ୍କଦ୍ୱାରା ମାୟା-ଦେବୀଙ୍କୁ ପ୍ରସନ୍ନ କରାଇ ତାହାଙ୍କ ମାୟା ବଳରେ ଆପଣଙ୍କୁ ଲକ୍ଷ୍ମୀଙ୍କ ସହ ବନରେ ନିର୍ବାସିତ କରାଇଥିଲୁଁ ।

ନାରାୟଣ—ଠିକ୍ କଥା, ଏ ମାୟାଦେବୀଙ୍କ କାର୍ଯ୍ୟ, ନୋହିଲେ କି ଭରତମାତା ଆମ୍ଭଙ୍କୁ ବନରେ ନିର୍ବାସିତ କରିବାକୁ କହି ଥାଆନ୍ତେ ?

ଇନ୍ଦ୍ର—ମାୟାଦେବୀଙ୍କଦ୍ୱାରା ଏ କାର୍ଯ୍ୟ କରାଇ ଆମ୍ଭେମାନେ ଅନେକ ଅନୁତପ୍ତ ହୋଇଅଛୁଁ, ସେ ଏ କାର୍ଯ୍ୟ ଅତି ତୁଚ୍ଛ ଭାବରେ କରାଇଥିଲେ ।

ନାରାୟଣ—ଆମ୍ଭର ସେଦିନ କିଛି କଷ୍ଟ ହୋଇ ନ ଥିଲା ବରଂ ଆମ୍ଭେ ପିତୃସତ୍ୟ ପାଳନରୂପ ମହାବ୍ରତ ପାଳନ କରିଲୁଁ ବୋଲି ଆନନ୍ଦିତ ଥିଲୁଁ, କିନ୍ତୁ ଯେଉଁ ଦିନ ରାବଣ ଲକ୍ଷ୍ମୀଙ୍କୁ ହରଣ କରି ନେଇ ଯାଇଥିଲା, ସେ ଦିନ ଆମ୍ଭ ମନରେ ଅତ୍ୟନ୍ତ କଷ୍ଟ ହୋଇଥିଲା ।

ପ୍ରଜାପତି—ପ୍ରଭୋ ! ଆପଣ ରାବଣକୁ ବିନାଶ କରି ଦେବତାମାନଙ୍କର, ଋଷିମାନଙ୍କର ଆଉ ସମସ୍ତ ଜଗତର ମଙ୍ଗଳ ସାଧନ କରିବା ହୋଇଅଛନ୍ତି ।

ନାରାୟଣ—ପ୍ରଜାପତି ! ଆମ୍ଭେ ତୁମ୍ଭଙ୍କୁ କିଛି କହିବାକୁ ଇଚ୍ଛା କରୁଛୁଁ, ତୁମ୍ଭେ ମନରେ କିଛି ଭାବିବ ନାହିଁ, ତୁମ୍ଭେ ବ୍ରାହ୍ମଣକୁଳର

ଦମ୍ଭର ବଶବର୍ତ୍ତୀ ହୋଇ ଯେ ଯାହା ପ୍ରାର୍ଥନା କରୁଛି ତାକୁ ତାହା ଦେଇ ପକାଇବା ଠିକ୍ ହୋଇ ନାହିଁ । କେହି କଠୋର ତପସ୍ୟା କଲେ ତାହାର ପ୍ରାର୍ଥିତ ବର ତାହାକୁ ହଠାତ୍ ଦେଇ ପକାଇବ ନାହିଁ, ଏଣିକି ସ୍ୱଭାବ ବୁଝି ବର ପ୍ରଦାନ କରିବ, ତ ଦୁରାତ୍ମାମାନେ ବର ପ୍ରାପ୍ତ ହେବା ମାତ୍ରକେ ତାହାର ସଦ୍-ବ ବ୍ୟବହାର କର ନ ଜାଣି ସନାତନ ଧର୍ମ ଓ ସୃଷ୍ଟି ନାଶ କରିବାକୁ ଉଦ୍ୟତ ହେଉଅଛନ୍ତି । ସେଥିପାଇଁ ଆମ୍ଭଙ୍କୁ ସମୟେ ସମୟେ ଅବତାର ଧାରଣ କରିବାକୁ ପଡ଼ୁଛି ।

ପ୍ରଜାପତି—ପ୍ରଭୋ ! ରାବଣ ଯେଉଁ ଉଚ୍ଚ ତପସ୍ୟା କରି ଶିବ ଅପଣ ହୋଇଥିଲେ ତାହାକୁ ତାହାର ପ୍ରାର୍ଥିତ ବର ଅପେକ୍ଷା ଅଧିକ ବହୁ ଅଧିକ ପ୍ରଦାନ କରି ଥାଆନ୍ତେ, ସେ ତାହା ମସ୍ତକମାନଙ୍କୁ ସ୍ୱହସ୍ତରେ ଛେଦନ କରି ଅଗ୍ନିରେ ହୋମ କରିଥିଲା ।

ନାରାୟଣ—ହଁ, ଯେ ଯେପରି କଠୋର ତପସ୍ୟା କରିବ ସେ ସେପରି ବର ପାଇବାର ଅଧିକାରୀ, କିନ୍ତୁ ସ୍ୱଭାବ ବୁଝି ବର ପ୍ରଦାନ କରୁଥିଲେ ଆମ୍ଭଙ୍କୁ ଆଉ ଏତେ କଷ୍ଟ ସହିବାକୁ ପଡ଼ି ନ ଥାନ୍ତା, ଏଥିପାଇଁ କହିଲୁଁ । ଥରେ ଗୋଟାଏ ରାକ୍ଷସ କଠୋର ତପସ୍ୟା କରି ମହାଦେବଙ୍କୁ ତୁଷ୍ଟ କରାଇ ଏହି ବର ମାଗିଥିଲା ଯେ ଆମ୍ଭେ ଯାହା ମୁଣ୍ଡରେ ହାତ ଦେବୁଁ ସେ ଭସ୍ମ ହୋଇଯିବ । ମହାଦେବ ତାହା ସ୍ୱଭାବ ନ ବୁଝି ତଥାସ୍ତୁ ବୋଲି କହିଦେଇଥିଲେ । ଦୁଷ୍ଟ ସେହିକ୍ଷଣି ମହାଦେବଙ୍କ ମସ୍ତକରେ ହାତ ଦେଇ ତାହାଙ୍କୁ ଭସ୍ମ କରିବାକୁ ଗୋଡ଼ାଇଲା, ତହୁଁ ମହାଦେବ ଅନନ୍ୟଗତିକ ହୋଇ ପଳାଇବାକୁ ଲାଗିଲେ ଏହିପରି ତ୍ରିଭୁବନ ବୁଲି ଆମ୍ଭ ନିକଟରେ ଆସି ଉପସ୍ଥିତ ହେଲେ । ଆମ୍ଭେ ଦୁଷ୍ଟାସୁରର ଦୁରଭିସନ୍ଧି ବୁଝି ପାରି ତାହାକୁ ବୈଷ୍ଣବୀମାୟାରେ ମୁଗ୍ଧ କରି କହିଲୁଁ, ରାକ୍ଷସରାଜ ! ତୁମେ

ଏତେ ବୁଦ୍ଧିମାନ୍ ହୋଇ ସେଲୋକଙ୍କ କଥାରେ ଭୋଗ କରୁଛ ? ହସ୍ତରେ କଅଣ ଅଗ୍ନି ଅଛି ଯେ ତୁମ୍ଭେ ତାଙ୍କ ମସ୍ତକରେ ହସ୍ତ ଦେଇ ତାଙ୍କୁ ଭସ୍ମ କରିଦେବ ? ତୁମ୍ଭେ ନିଜ ମସ୍ତକରେ ହାତ ଦେଇ ପରୀକ୍ଷା କରୁ ନାହିଁ କାହିଁକି ? ଏହିକ୍ଷଣି ତ ସତ୍ୟାସତ୍ୟ ସବୁ ଜଣା ପଡ଼ିଯିବ । ତହୁଁ ସେ ଅସୁର ମଧୁର ବାକ୍ୟରେ ମୁଗ୍ଧ ହୋଇ ନିଜ ମସ୍ତକରେ ହସ୍ତ ଦେଇ ସେହିକ୍ଷଣି ଭସ୍ମ ହୋଇ ଯାଇଥିଲା । ଏ ସବୁ କଥା ଛାଡ଼ । ଦେଖ, ଲକ୍ଷ୍ମୀ କ୍ଳାନ୍ତ ହୋଇ ଘୁମାଉଅଛନ୍ତି, ଆମ୍ଭେ ବୈକୁଣ୍ଠକୁ ଯାଉଅଛୁଁ, ଆଉ ତୁମ୍ଭ-ମାନଙ୍କର କି ଉପକାର କରିବୁଁ କହ ।

ଇନ୍ଦ୍ର—ପ୍ରଭୋ ! ଆପଣ ମର୍ତ୍ତ୍ୟରେ ମାନବ ଦେହ ଧାରଣ କରି, ଦୁରାତ୍ମାର ରାବଣକୁ ବିନାଶ କରି ଆମ୍ଭମାନଙ୍କର ଯେଉଁ ଉପକାର କରିବା ହୋଇଅଛନ୍ତି, ସେଥିରୁ ବଳି ଆମ୍ଭମାନଙ୍କର ଆଉ କି ପ୍ରାର୍ଥନୀୟ ଅଛି ଯେ ପ୍ରାର୍ଥନା କରିବୁଁ ? ଯଦି ପ୍ରସନ୍ନ ହୋଇ ଆଉ କିଛି ପ୍ରଦାନ କରିବାକୁ ଇଚ୍ଛା କରନ୍ତି, ତେବେ ଏହି ଆଜ୍ଞା କରନ୍ତୁ, ପଣ୍ଡିତ ଶ୍ରୀ ହରିହର ରଥଙ୍କ ରଚିତ [illegible] ଚରିତାବଲମ୍ବିତ ନାଟକମାନ ଏ ଉତ୍କଳରେ ସର୍ବତ୍ର ଅଭିନୀତ ହେଉ, ଆଉ ଏ ନାଟକମାନଙ୍କୁ ଯେ ଭକ୍ତିପୂର୍ବକ ପାଠ କରିବେ ତାହାଙ୍କୁ ସୌଭାଗ୍ୟ ଲକ୍ଷ୍ମୀ ପ୍ରାପ୍ତ ହେବେ ଏବଂ ଯେଉଁମାନେ ଭକ୍ତ୍ୟାବଲମ୍ବନପୂର୍ବକ ଏ ନାଟକମାନଙ୍କର ଅଭିନୟ ଦେଖିବେ, ସେମାନେ ପୁତ୍ରାର୍ଥୀ ହୋଇଥିଲେ ସତ୍ପୁତ୍ର ଲାଭ କରିବେ, ଧନାର୍ଥୀ ହୋଇଥିଲେ ବିପୁଳ ଧନ ପ୍ରାପ୍ତ ହେବେ ।

ନାରାୟଣ—ତଥାସ୍ତୁ । (ପରଦାପତନ)

ଇତି ମହାପ୍ରସ୍ଥାନ ନାଟକ ସମାପ୍ତ ।

——:o:——

Printed by V. Kar. The U. S. Press, Cuttack.